ବର୍ଷ-୨୫, ସଂଖ୍ୟା-୩୧୯
ଭୁବନେଶ୍ୱର
୦୧, ଡିସେମ୍ବର, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-25, Issue No. 319
Bhubaneswar
01, December, 2025 Monday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କ୍ୟାରିଅରର ୫୨ତମ ଶତକ ପରେ ଦର୍ଶକଙ୍କୁ ଅଭିବାଦନ ଜଣାଉଛନ୍ତି ବିରାଟ କୋହଲି।

# 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' ଏକ ପ୍ରତିଶ୍ରୁତି



ଭୁବନେଶ୍ୱର,୩୦।୧୧(ମହାଭାରତ): ସ୍ଥାନୀୟ ରେଳ ସଦନ ଠାରେ ରବିବାର ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡିଶା ଶିଳ୍ପ ସମ୍ମିଳନୀ : ୨୦୨୫ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଥିଲେ ଯେ ଏହି ସମାବେଶ ଆମର ଏମଏସଏମଇ କ୍ଷେତ୍ରରେ ଔଦ୍ୟୋଗୀକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ ଆମ ରାଜ୍ୟ, ଆଜି ଏମଏସଏମଇ କ୍ଷେତ୍ରରେ ଭାରତର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଉଭା ହୋଇ ପାରିଛି। ଓଡିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ଯୋଗୁଁ ଏହି ପରିବର୍ତ୍ତନ ଆସିପାରିଛି। ଗତ କିଛି ବର୍ଷ ମଧ୍ୟରେ, ଆମେ ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛୁ। ଆମର ଗୋ ସ୍ୱିଫ୍ଟ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ମାସ ମାସ ନୁହେଁ, ବରଂ ଗୋଟିଏ ଦିନରେ ମଧ୍ୟ ପ୍ରକଳ୍ପ ଅନୁମୋଦିତ ହେଉଛି। ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ଆମ ରାଜ୍ୟ ଜିଡିପି ୬.୧ ପ୍ରତିଶତ ବିନିଯୋଗ କରାଯାଇଛି, ଯାହାକି ଭାରତରେ ସର୍ବାଧିକ।

ଓଡ଼ିଶାର ଶିଳ୍ପାୟନର ଏହି ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୯୮୦ ରୁ ଅଧିକ ଶିଳ୍ପ ୟୁନିଟ୍ କୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟରେ ନିଜର ଯୋଗଦାନ ଦେବାରେ ଏହି ଅନୁଷ୍ଠାନର ପ୍ରୟାସ, ବିଶେଷ ପ୍ରଶଂସାର ପାତ୍ର। ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଏବଂ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ, ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଥାଏ । ବର୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ଲଘୁ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି । ତେଣୁ ଲଘୁ ବ୍ୟବସାୟଗୁଡ଼ିକ କେବଳ ଅର୍ଥନୀତିରେ ଅବଦାନ ରଖନ୍ତି ନାହିଁ ବରଂ ସେମାନେ ଅର୍ଥନୀତିକୁ ସମୃଦ୍ଧ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ଓଡିଶା କଠିନ ପରିଶ୍ରମ, ନବସୃଜନ ଏବଂ ଉଦ୍ୟୋଗର ଏକ ରାଜ୍ୟ। 'ଲଘୁ ଉଦ୍ୟୋଗ ଭାରତୀ' ଭୁବନେଶ୍ୱରରେ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଏବଂ ଏହା ଜିଲ୍ଲା ସ୍ତରରେ, ତୃଣମୂଳ ସ୍ତରରେ ଏବଂ ଉଦ୍ୟୋଗ ସ୍ତରରେ ଶିଳ୍ପ-ସରକାରୀ ସହଯୋଗକୁ ଆହୁରି ଦୃଢ଼ କରିବ। ଆମ ସରକାରର ପ୍ରମୁଖ କାର୍ଯ୍ୟକ୍ରମ, 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' - ଏକ ସ୍ଲୋଗାନ ନୁହେଁ। ଏହା ଏକ ପ୍ରତିଶ୍ରୁତି। ଆମେ ଚାହୁଁଛୁ ଯେ ଓଡ଼ିଶା ପୂର୍ବ ଭାରତର ଏମଏସଏମଇ ଗେଟ ୱେ ଭାବରେ ଉଭା ହେଉ।

ଶେଷରେ ଓଡିଶାର ଏମଏସଏମଇ କ୍ଷେତ୍ରରେ ସଫଳତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପିପିଲି, ରଘୁରାଜପୁର, ସମ୍ବଲପୁର ଏବଂ ଗୋପାଳପୁରର ଆମର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା। ଆମର ଯୁବପିଢ଼ି ଆଇଟି, ଆନିମେସନ୍, ଫିନଟେକ୍ ଏବଂ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି। ଆମର ମହିଳା ନେତୃତ୍ୱାଧୀନ ଏସଏଚଜି ବିଶ୍ୱସ୍ତରୀୟ ଉତ୍ପାଦ ରପ୍ତାନି କରୁଛନ୍ତି। ସୁଭଦ୍ରା ଯୋଜନା ଆଜି ପ୍ରତ୍ୟେକ ଘରେ ଆଦୃତ। ଏହା ଗରିବ, ବିଶେଷ ଭାବେ ଗ୍ରାମାଞ୍ଚଳର ମହିଳାଙ୍କୁ ନୂଆ ସମ୍ଭାବନାର ରାସ୍ତା ଦେଖାଉଛି। ସୁଭଦ୍ରା ଯୋଜନା ଏକ ସହାୟତା ଯୋଜନା ନୁହେଁ। ଏହା ହେଉଛି, ମା'ମାନଙ୍କୁ ଛୋଟ ଛୋଟ ବ୍ୟାପାର ଜରିଆରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା । ସମାଜରେ ଓ ପରିବାରରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି କରିବା । ଆଜି ଏହି ଯୋଜନା ଯୋଗୁଁ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି । ଆଗାମୀ ଦିନରେ ଆମ ରାଜ୍ୟରେ ମା'ମାନଙ୍କ ଭିତରେ ବ୍ୟବସାୟ କରିବାର ଏକ ପରମ୍ପରା ସୃଷ୍ଟି କରିବା ପାଇଁ ବାତାବରଣ ସୃଷ୍ଟି ହେବ ବୋଲି ମୁଁ ଆଶା କରୁଛି । କାର୍ଯ୍ୟକ୍ରମରେ ଯୋଗ ଦେଇ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ସମ୍ଭାବନାର ରାଜ୍ୟ ଆଜି ବିକାଶ ପଥରେ ଅଗ୍ରସର ହେଉଛି। ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମଏସଏମଇ ଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା, କିମ୍ବା ସ୍ଥାନୀୟ ସପ୍ଲାଇ ଚେନ୍‌କୁ ସୁଦୃଢ଼ କରିବା ପାଇଁ, ଆମେ ପଦକ୍ଷେପ ଗ୍ରହଣ କରୁଛୁ ଏବଂ ଏହା ଆଗାମୀ କିଛି ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିଦେବ।

କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ପ୍ରକାଶ ଚନ୍ଦ୍ର ଲଘୁ ଉଦ୍ୟୋଗ ଭାରତୀ, ଓଡିଶାର ସଭାପତି ଶ୍ରୀ ଗୋପାଳ ଦାସ ଅଗ୍ରୱାଲ ପ୍ରମୁଖ ମଂଚାସୀନ ଥିଲେ।

# ଅଙ୍ଗନବାଡ଼ି ଶିଶୁଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

## ବୁଲା କୁକୁର ଓ ଗାଈ ଗୋରୁ ଆକ୍ରମଣ ଭୟ, ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର, ୩୦।୧୧(ମହାଭାରତ): ଅଙ୍ଗନବାଡ଼ି ଶିଶୁଙ୍କୁ ବୁଲା କୁକୁର ଓ ଗାଈ ଗୋରୁ ଆକ୍ରମଣ ଭୟ ନେଇ ରାଜ୍ୟ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଏନେଇ ସବୁ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟ ସରକାର। ବୁଲା କୁକୁର ଓ ଗାଈ ଗୋରୁଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୩୧ ସୁଦ୍ଧା ସବୁ ଅଙ୍ଗନବାଡି କେନ୍ଦ୍ର ରେ ବାଉଣ୍ଡରି ୱାଲ ଓ ଫାଟକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ କୁକୁର କାମୁଡ଼ିଲେ କେମିତି ପ୍ରାଥମିକ ଚିକିତ୍ସା କରାଯିବ ସେ ନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ସଠିକ ଭାବେ ବର୍ଜ୍ୟ ପରିଚାଳନା ପାଇଁ ପରାମର୍ଶ ଦିଆଯାଇଛି। କ୍ଷେତ୍ର ଅଧିକାରୀ ମାନେ ନିୟମିତ ଅଙ୍ଗନବାଡ଼ି କେନ୍ଦ୍ରକୁ ପରିଦର୍ଶନରେ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଏହି ନିର୍ଦ୍ଦେଶନାମାକୁ ଗୁରୁତର ସହ ନେଇ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ସେହିପରି ବିପଦ ବଢାଉଛି ଜଙ୍କ୍ ଫୁଡ। ଅଧିକ ତେଲ ଖାଇବା ଦ୍ୱାରା ବିଭିନ୍ନ ରୋଗରେ ପଡୁଛନ୍ତି ଲୋକ। ଏଥିପାଇଁ ସଚେତନ କରିବାକୁ ସରକାର ଆରମ୍ଭ କରିଛନ୍ତି ପ୍ରକ୍ରିୟା। କେଉଁ ଖାଦ୍ୟରେ କେତେ ତେଲ ରହିଛି ସେନେଇ ବୋର୍ଡ ଲଗାଯିବ । ଅଙ୍ଗନବାଡ଼ି ସେଣ୍ଟରଠାରୁ ଆରମ୍ଭ କରି ଘରୋଇ ପ୍ରତିଷ୍ଠାନ ପର୍ଯ୍ୟନ୍ତ ସବୁଠି ତେଲ ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କେଉଁ ଖାଦ୍ୟରେ କେତେ ତେଲ ଅଛି ? ତାକୁ ଖାଇଲେ କଣ ହେବ ? ସେନେଇ ତେଲ ବୋର୍ଡ ଜରିଆରେ କରାଯିବ ସଚେତନ ଏନେଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ମହିଳା ଓ ଶିଶୁ ବିକାଶ ବିଭାଗ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁ ଯତ୍ନକେନ୍ଦ୍ର, ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ଶକ୍ତି ନିବାସ ସହ ଘରୋଇ ପ୍ରତିଷ୍ଠାନରେ ତେଲ ବୋର୍ଡ ଲଗାଯିବ ଉଭୟ ଓଡ଼ିଆ। ଏବଂ ଇଂରାଜୀରେ ତେଲ ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ଜଙ୍କ୍‌ଫୁଡ୍‌ରେ କେତେ ପରିମାଣର ତେଲ ରହିଛି ତାହାର ଏକ ତାଲିକା ଦେଇଛି ବିଭାଗ ।୧୦୦ ଗ୍ରାମ୍ ସିଙ୍ଗଡ଼ାରେ ରହିଛି ୨୮ ଗ୍ରାମ୍ ତେଲ ୧୦୦ ଗ୍ରାମ୍ ପକୋଡ଼ି ଖାଉଥିଲେ ୨୦ ଗ୍ରାମ୍ ତେଲ ଆପଣ ଖାଉଛନ୍ତି ଯଦି ୧୦୦ ଗ୍ରାମ୍ ଆଳୁ ଚିପ୍‌ସ ଖାଉଛନ୍ତି ।ସେଥିରେ ତେଲର ପରିମାଣ ରହିଛି ୩୫ ଗ୍ରାମ୍ ସେହିପରି ୧୦୦ ଗ୍ରାମ୍ ନିମ୍‌କିରେ ୪୦ ଗ୍ରାମ୍ ତେଲ, ୧୦୦ ଗ୍ରାମ୍ ଆଳୁ ଚିପ୍‌ସରେ ୨୪ ଗ୍ରାମ୍, ଛଣାସେଓ ୧୦୦ ଗ୍ରାମ୍‌ରେ ରହିଛି ୩୮ ଗ୍ରାମ୍ ତେଲ। ପ୍ରତିଦିନ ଜଣେ ବ୍ୟକ୍ତି କେବଳ ୨୭ରୁ ୩୦ ଗ୍ରାମ୍ ତେଲ ଖାଇବା ଉଚିତ। ଅତ୍ୟଧିକ ତେଲ ଖାଇଲେ ହୃଦ୍‌ରୋଗ, ମୋଟାପଣ, ଯକୃତ ରୋଗ, ଉଚ୍ଚ ରକ୍ତଚାପ ପରି ରୋଗ ହୋଇପାରେ।

# ଶୁଭଙ୍କରଙ୍କ ନାଁରେ ଥାନାରେ ଏତଲା

**ପୁରୀ,୩୦।୧୧ (ମହାଭାରତ):** ଜଣାଶୁଣା ସୋସିଆଲ ମିଡିଆ ଇନଫ୍ଲୁଏନସର୍ ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। ଶ୍ରୀମନ୍ଦିରରେ ପ୍ରେମୀଯୁଗଳଙ୍କ ପ୍ରବେଶ ଉପରେ ସେ ଦେଇଥିବା ବିବାଦୀୟ ଟିପ୍ପଣୀକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୂଚନା ଦେଇଥିବା ବେଳେ ଆଜି ଶ୍ରୀମନ୍ଦିର ସେବାୟତ ଗୌରହରି ପ୍ରଧାନ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଛି। ଏଥିପାଇଁ ତୁରନ୍ତ ଆଇନରେ ଆବଶ୍ୟକୀୟ ସଂଶୋଧନ କରିବା ସହ ଶୁଭଙ୍କରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ଗୌରହରି। ଶୁଭଙ୍କର ସୋସିଆଲ୍ ମିଡିଆ ଇନଫ୍ଲୁଏନସର୍ ହୋଇଥିବାରୁ ତାଙ୍କ କଥା ଲୋକମାନେ ସହଜରେ ବିଶ୍ୱାସ କରିଯାଉଛନ୍ତି। ଫଳରେ ଶ୍ରୀମନ୍ଦିରକୁ ନେଇ ଭକ୍ତଙ୍କର ରହିଥିବା ଅଗାଧ ବିଶ୍ୱାସ ତୁଟିବା ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ଗୌରହରି ଏତଲା ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ୭ ଦିନ ବଢ଼ିଲା ଏସ୍‌ଆଇଆର

ନୂଆଦିଲ୍ଲୀ,୩୦।୧୧: ଭାରତର ନିର୍ବାଚନ କମିଶନ୍ (ଇସିଆଇ) ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟରେ ଚାଲିଥିବା ସ୍ପେଶାଲ ଇନଟେନସିଭ ରିଭିଜନ୍‌ର ସମୟ ସୀମାକୁ ୭ ଦିନ ପାଇଁ ବଢାଇ ଦେଇଛନ୍ତି। ଏହ ପ୍ରକିୟା ୧୧ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟରେ ଆଣ୍ଡାମାନ ଓ ନିକୋବର, ଛତିଶଗଡ, ଗୋଆ, ଗୁଜରାଟ, କେରଳ, ଲକ୍ଷାଦ୍ୱୀପ, ମଧ୍ୟ ପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ,ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରେ ଭୋଟର ଲିଷ୍ଟକୁ ସୁଧାରା ଯାଉଛି। ରିଲିଫ୍ କମିଶନ ତାଙ୍କର ପୂର୍ବ ନିର୍ଦ୍ଦେଶକୁ ବାତିଲ କରି ଏକ ନୂତନ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଏହା ଅନୁଯାୟୀ, ବୁଥ୍ ଗଣନା ଏବଂ ପୁନଃଗଠନ ଠାରୁ ଆରମ୍ଭ କରି ଡ୍ରାଫ୍ଟ ତାଲିକା ପ୍ରକାଶନ ଏବଂ ଦାବି-ଆପତ୍ତି ପ୍ରକ୍ରିୟା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଏବେ ସଂଶୋଧିତ ତାରିଖ ଅନୁସାରେ କରାଯିବ।

ନିର୍ବାଚନ କମିଶନ୍ ୧୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ସମୟ ସୀମାକୁ ବଢାଇଛନ୍ତି। ପୋଲିଂ ଷ୍ଟେସନକୁ ଠିକ୍ କରିବା ଓ ପୁଣିଥରେ ବ୍ୟବସ୍ଥିତ କରିବା ସୁନିଶ୍ଚିତ କରିବାକୁ କୁହାଯାଇଛି। କନଟ୍ରୋଲ ଟେବଲର ଅପଡେଟ୍ ଓ ଡ୍ରାଫ୍ଟ ରୋଲ୍ ପ୍ରସ୍ତୁତ କରିବାର ସମୟ ସୀମା ୧୨-୧୫ ଡିସେମ୍ବର ପର୍ଯ୍ୟନ୍ତ ରହିବ। ଡ୍ରାଫ୍ଟ ଇଲେକ୍ଟୋରାଲ ରୋଲ୍ ପବ୍ଲିକେସନ୍ ୧୬ ଡିସେମ୍ବରରୁ କରାଯିବ। ଦାବି ଏବଂ ଆପତ୍ତି ଫାଇଲ କରିବାର ସମୟ ୧୬ ଡିସେମ୍ବରରୁ ୧୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି।ପୂର୍ବରୁ ଏସଆଇଆର ପ୍ରକ୍ରିୟା ସମାପ୍ତ କରିବାର ଶେଷ ତାରିଖ ୪ ଡିସେମ୍ବର ଥିଲା। ଏହାର ଅର୍ଥ କେବଳ ଚାରି ଦିନ ବାକି ଥିଲା। ଏବେ, ଶେଷ ତାରିଖକୁ ଡିସେମ୍ବର ୧୧ ପର୍ଯ୍ୟନ୍ତ ସାତ ଦିନ ବୃଦ୍ଧି କରାଯାଇଛି। ସେଥିରେ ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ରହିଛି। ନିର୍ବାଚନ କମିଶନଙ୍କ ଦ୍ୱାରା ଦିଆଯାଇଥିବା ସମୟ ସୀମା ସହ ମତଦାତାଙ୍କୁ ନିଜର ଡିଟେଲ୍ସ ଭେରିଫାଏ କରିବା, ଅବଜରଭେସନ୍ ଫାଇଲ୍ କରିବା କିମ୍ବା ଭୋଟର ଲିଷ୍ଟରେ ଜରୁରୀ ସୁଧାର କରିବାକୁ ସମୟ ମିଳିଯିବ। ଅଧିକାରୀମାନେ ଏହି କଥା ଉପରେ ଜୋର ଦେଇଛନ୍ତି ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ବାସିନ୍ଦା ଭବିଷ୍ୟତର ନିର୍ବାଚନରେ ଭୋଟ୍ ଦେବାର ସୁଯୋଗ ହରାଇବାରୁ ରକ୍ଷା ପାଇବା ପାଇଁ ବଢାଇ ଦିଆଯାଇଥିବା ସିଡ୍ୟୁଲର ଫାଇଦା ଉଠାଇବା ଦରକାର।

# ବଦଳିବ ୟୁନିଟ-୪ ଆମିଷ ବଜାରର ରୂପରେଖ

ଭୁବନେଶ୍ୱର,୩୦।୧୧ (ମହାଭାରତ): ବଦଳିବ ୟୁନିଟ ୪ ଆମିଷ ରିଟେଲ ବଜାରର ରୂପରେଖ। ବିଏମସି ମେୟର, କମିସନର, ଅଧିକାରୀ ଏନେଇ ସମୀକ୍ଷା କରିଛନ୍ତି। ଆସିବ ହାଟର ନୂଆ ଡିଜାଇନ। ଯାହାକୁ ନେଇ ପ୍ରସ୍ତୁତ ହୋଇଛି ପ୍ଲାନ୍। ନୂତନ ଦୋକାନ, ପାର୍କିଂ, ସ୍ଲଟର ହାଉସ, ନୂତନ ରାସ୍ତା ହେବ ନିର୍ମାଣ। ହାଟ ଭିତରେ ଭଙ୍ଗାଯିବ ବେଆଇନ୍ ଘର। ଦୀର୍ଘବର୍ଷ ହେବ ୟୁନିଟ ୪ ମାର୍କେଟରେ ପାର୍କିଂ ସମସ୍ୟା ରହିଛି। ରାସ୍ତା କଡ଼ରେ ପାର୍କିଂ ହେଉଥିବାରୁ ସମସ୍ୟା ହେଉଛି। ପ୍ଲାନ୍ ପ୍ରସ୍ତୁତ ପରେ ବହୁ ଜଲଦି ଆରମ୍ଭ ହେବ ଉଚ୍ଛେଦ ପ୍ରକ୍ରିୟା। ଉଚ୍ଛେଦ ପରେ ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ। ଜବରଦଖଲକାରୀଙ୍କୁ ତାଗିଦ କରିଛି ବିଏମସି। ଜଲଦି ଦୋକାନ ଛାଡିବା କହିଛନ୍ତି ବିଏମସି ମେୟର। ୟୁନିଟ-୪ ଆମିଷ ବଜାରରେ ବିଏମସି ମେୟର, କମିସନର ପରିଦର୍ଶନ ବେଳ ରାସ୍ତା କଡ଼ରେ ଗଦା ହୋଇଥିବା ମାଛ, ମାଂସର ଅଳିଆ ଦେଖି ବ୍ୟବସାୟୀଙ୍କୁ ତାଗିଦ କରିଛନ୍ତି। ରାସ୍ତା କଡ଼ରେ ଗଦା ଯାଇଥିବା ଅଳିଆରୁ ଦୁର୍ଗନ୍ଧ ବାହାରୁ ଥିବାରୁ ଗ୍ରାହକ ଯିବା ଆସିବା ପାଇଁ ଅସୁବିଧା ହେଉଛି। ବ୍ୟବସାୟ ମାନଙ୍କୁ ଆମିଷରୁ ବାହାରୁ ଥିବା ଅଳିଆକୁ

# ଭୂମିହୀନଙ୍କୁ ପକ୍କା ଘର ଯୋଗାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ଜିଲ୍ଲାପାଳ ମାନଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗର କଡ଼ା ନିର୍ଦ୍ଦେଶନାମା। ଭୂମିହୀନଙ୍କୁ ପକ୍କା ଘର ଯୋଗାଇ ଦେବାରେ ବିଳମ୍ବକୁ କରାଯିବନି ବରଦାସ୍ତ। ଯୋଗ୍ୟ ବିବେଚିତ ଭୂମିହୀନ ପରିବାରକୁ ତୁରନ୍ତ ଘର ବଣ୍ଟନ ପାଇଁ ନିର୍ଦ୍ଦେଶ। ଯୋଗ୍ୟ ଭୂମିହୀନ ଗ୍ରାମାଞ୍ଚଳ ପରିବାର ବା ହିତାଧିକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ଘର ଯୋଗାଇବା ପାଇଁ ପଞ୍ଚାୟତି ରାଜ ବିଭାଗ ଚିଠି କରିଛି। ଭୂମିହୀନ ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ବିଡିଓ ଏବଂ ସମ୍ପୃକ୍ତ ତହସିଲଦାରଙ୍କ ସହିତ ଏକ ମିଳିତ ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣରେ ୮୭୧ ଜଣ ଏବଂ ପିଏମ ଜନମନରେ ୫୦ ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇ ନାହିଁ । ପିଏମଏୱାଇ-ଜିରେ ସର୍ବାଧିକ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୭୧ ଜଣ ଭୂମିହୀନଙ୍କୁ ଘର ମିଳିନଥିବା ବେଳେ ଗଞ୍ଜାମରେ ୧୭୧ ଜଣ ପାଇନାହାନ୍ତି ଘର। ସମୟ ସୀମା ଭିତରେ ତୁରନ୍ତ ଘର ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୪ ସର୍ଭେ ଅନୁଯାୟୀ ରାଜ୍ୟର ୩୭ ଲକ୍ଷ ୮୯ ହଜାର ୨୩୪ ପରିବାର କଚ୍ଚା ଘରେ ରହୁଛନ୍ତି। ସେଥିମଧ୍ୟରୁ ୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ ଅଟନ୍ତି।

# ବସିପାରିଲାନି ବିଜେଡି ସଂସଦୀୟ ଦଳ ବୈଠକ

ନୂଆଦିଲ୍ଲୀ,୩୦।୧୧(ମହାଭାରତ); ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସଂସଦର ଶୀତ ଅଧିବେଶନ। ହେଲେ ଏହାପୂର୍ବରୁ ବିଜେଡିର ସଂସଦୀୟ ଦଳରେ ଫାଟ ଦେଖିବାକୁ ମିଳିଛି। ପ୍ରତି ଅଧିବେଶନ ପୂର୍ବରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସାଂସଦଙ୍କୁ ଡାକି ବୈଠକ ନିଅନ୍ତି। ଦିଲ୍ଲୀରେ ବିଜେଡିର ଆଭିମୁଖ୍ୟ କଣ ରହିବ ଓ କେଉଁ ପ୍ରସଙ୍ଗରେ ଦଳ ସ୍ୱର ଶାଣିତ କରିବ ? ସେନେଇ ରଣନୀତି ହୁଏ ହେଲେ ଚଳିତଥର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମୌସୁମୀ ଅଧିବେଶନ ଭଳି ଶୀତ ଅଧିବେଶନ ପୂର୍ବରୁ ମଧ୍ୟ ବସିନି ବିଜେଡିର ସଂସଦୀୟ ଦଳ ବୈଠକ। ଏ ନେଇ ଅସନ୍ତୋଷ ଜାହିର କରିବା ସହ ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି, ଦଳ ସଭାପତି ବୈଠକ ଡାକୁନାହାନ୍ତି। କେବଳ ହ୍ୱାଟସଆପ୍‌ରେ ଏଜେଣ୍ଡା ଆସୁଛି। ଦେବାଶିଷଙ୍କ ଅଭିଯୋଗକୁ ବଳ ଦେଇଛି ସସ୍ମିତଙ୍କ ହ୍ୱାଟସଆପ୍ ମେସେଜ୍।



ବୈଠକ ନକରି ଦଳର ଏଜେଣ୍ଡା ବାବଦରେ ସାଂସଦଙ୍କୁ ହ୍ୱାଟସଆପରେ ମେସେସ୍ ଦିଆଯାଇଛି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ନିର୍ବାଚନରେ ଅନିୟମିତତା, ପୋଲାଭରମ୍ ଓ ମହାନଦୀ ବିବାଦ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭଳି ୧୨ଟି ପ୍ରସଙ୍ଗ ଉଠାଇବାକୁ ନିଷ୍ପତ୍ତି ନେଇଛି ଦଳ। ତେବେ ହ୍ୱାଟସଆପ୍ ମେସେଜକୁ ଦଳୀୟ ସାଂସଦ କେତେ ଗ୍ରହଣ କରିବେ ତାହା ସବୁଠୁ ବଡ଼ପ୍ରଶ୍ନ । କାରଣ ଦିଲ୍ଲୀରେ ବିଜେଡି ୨ ଭାଗ ହୋଇଥିବା ଚର୍ଚ୍ଚା ମୁନା ଖାଁ ଓ ଦେବାଶିଷ ସାମନ୍ତରାୟ ଗୋଟିଏ କ୍ୟାମ୍ପରେ ଥିବା ବେଳେ ବାକି ସାଂସଦଙ୍କ କ୍ୟାମ୍ପ ଭିନ୍ନ। ଦିନେ ଯେଉଁ ନବୀନଙ୍କ ହୁକୁମ୍ ଦଳରେ ସର୍ବମାନ୍ୟ ଥିଲା ଏବେ ତାହାର ସ୍ୱରୂପ ବଦଳିଯାଇଛି ଏସବୁ ଭିତରେ ଦିଲ୍ଲୀରେ ସାଂସଦଙ୍କୁ ଏକାଠି କରିବା ବିଜେଡି ସୁପ୍ରିମୋଙ୍କ ପାଇଁ ବଡ଼ ଆହ୍ୱାନ ।

# ବେଆଇନ ଖଣି ଖନନ ଏଆଇ ଧରିବ

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ବେଆଇନ ଖଣି ଖନନ ଓ ବାଣିଜ୍ୟ, ପରିବହନ ଏବଂ ସଂରକ୍ଷଣ ରୋକିବାକୁ ସ୍ୱତନ୍ତ୍ର ଗାଇଡ଼ ଲାଇନ ଜାରି କଲେ ରାଜ୍ୟ ସରକାର। ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଜାରି ହେଲା ସ୍ୱତନ୍ତ୍ର ଗାଇଡ଼ ଲାଇନ। ଜାରି କରାଯାଇଥିବା ଗାଇଡ଼ ଲାଇନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖଣି ଏବଂ ପରିବହନ କାର୍ଯ୍ୟକଳାପର ପ୍ରକୃତ-ସମୟ ମନିଟରିଂ ଏବଂ ରେକର୍ଡିଂ, ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ, ଫେସ ରିଡିଙ୍ଗ ବା ଯାନର ଗତି ଚିହ୍ନଟ ପାଇଁ ଲାଗିବ ଏଆଇ କ୍ୟାମେରା। ନିର୍ମାଣ ହେବ ଡିଜିଟାଲ ଚେକ ପୋଷ୍ଟ। ଚେକ୍ ପୋଷ୍ଟ' ରେ ଖଣିଜ ପଦାର୍ଥ ପରିବହନର ତଦାରଖ ଏବଂ ନିୟନ୍ତ୍ରଣ ପାଇଁ ଡିଜିଟାଲ୍ ଚେକ୍ ପଏଣ୍ଟ କରାଯିବ।



# ଆଜିଠୁ ବାରବାଟୀ ମ୍ୟାଚ୍ ପାଇଁ ଅନଲାଇନ୍ ଟିକେଟ

**କଟକ,୩୦।୧୧(ମହାଭାରତ):** କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଡିସେମ୍ବର ୯ ତାରିଖ ସନ୍ଧ୍ୟା ୭ଟାରୁ ଖେଳାଯିବାକୁ ଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ଟି୨୦ ମ୍ୟାଚ୍ ପାଇଁ ଟିକେଟ୍ ବିକ୍ରି ଡିସେମ୍ବର ୧ ଅର୍ଥାତ ସୋମବାର ଠାରୁ ଆରମ୍ଭ ହେବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁବନ୍ଧିତ ୟୁନିଟ୍, ଅନ୍‌ଲାଇନ୍ ଏବଂ ବକ୍ସ ଅଫିସ୍ (ଅଫଲାଇନ) ବିକ୍ରିକୁ ମିଶାଇ ମୋଟ ୨୩,୦୦୦ରୁ ଅଧିକ ଟିକେଟ୍ ବିକ୍ରି କରାଯିବ।

ଏଥିରେ ଅନଲାଇନ୍, ଅଫିଲିଏଟେଡ୍ ୟୁନିଟ୍ ଏବଂ ବକ୍ସ ଅଫିସ୍ ଟିକେଟ୍ ସାମିଲ ରହିଛି। ଅନଲାଇନ୍‌ରେ କେବଳ ପ୍ରାୟ ୨୦୦୦ ଟିକେଟ୍ ଜୋମାଟୋ ମାଧ୍ୟମରେ ବିକ୍ରି କରାଯିବ। ଅନଲାଇନ୍ ଟିକେଟ୍ ଡିସେମ୍ବର ୮ରେ ସକାଳ ୯ଟାରୁ ସନ୍ଧ୍ୟା ୬ଟା ଏବଂ ଡିସେମ୍ବର ୯ରେ ସକାଳ ୯ଟାରୁ ଅପରାହ୍ନ ୧ଟା କେମ୍ବ୍ରିଜ ସ୍କୁଲଠାରେ ରିଡିମ୍ କରାଯାଇ ପାରିବ।ଅଫିଲିଏଟେଡ୍ ୟୁନିଟ୍‌ମାନଙ୍କ ପାଇଁ ଏସ୍‌ବିଆଇ ଦ୍ୱାରା ଓସିଏ କନଫରେନ୍ସ ହଲ୍‌ରେ ଡିସେମ୍ବର ୩ ଓ ୪ ତାରିଖରେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ଟିକେଟ୍ ବିକ୍ରି ହେବ। ସାଧାରଣ ଲୋକଙ୍କ ପାଇଁ ବାରବାଟୀ ଷ୍ଟାଡିୟମ୍ କାଉଣ୍ଟରରେ ଡିସେମ୍ବର ୫ ତାରିଖରୁ ସକାଳ ୯ଟାରୁ ସନ୍ଧ୍ୟା ୬ଟା ଅଫଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହେବ ଏବଂ ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକେଟ୍ ବୈଧ ପରିଚୟପତ୍ର ସହ କିଣିପାରିବେ। ଟିକେଟର ମୂଲ୍ୟ ଗ୍ୟାଲେରୀ ୭୦୦ ଟଙ୍କାରୁ ଆରମ୍ଭ ହୋଇ କର୍ପୋରେଟ୍ ବକ୍ସ ପାଇଁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।ସୁରକ୍ଷା ଓ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଖେଳାଳିଙ୍କ ଅଭ୍ୟାସ ଦେଖିବା ପାଇଁ ଗ୍ୟାଲେରୀ ନମ୍ବର ୬ ଓ ୭ ସାଧାରଣ ଜନତାଙ୍କ ପାଇଁ ଖୋଲାଯିବ। ଦର୍ଶକଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ଓ ଖାଦ୍ୟ ଷ୍ଟଲ୍ ଉପଲବ୍ଧ କରାଯିବ।

# ଚିଜ ପିଜ୍ଜା

ଆବଶ୍ୟକ ସାମଗ୍ରୀ: ମଇଦା , ଖାଇବା ସୋଡା, ଚିନି, ଦହି, ରିଫାଇନ ତେଲ, ଅଲିଭ ଅଏଲ, ପିଜ୍ଜା ସସ୍, କଟା ପିଆଜ, କଟା କ୍ୟାପସିକମ୍ , କଟା ଜଲପେନୋ, କପ କଟା ବ୍ଲାକ ଅଲିଭ , ମୋଜାରେଲା ଚିଜ, ଇଟାଲିୟାନ ମସଲା ଓ ଲୁଣ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ମଇଦା , ଖାଇବା ସୋଡ଼ା, ଲୁଣ ଚିନି ଓ ଦହି ଭଲ ଭାବେ ମିଶାନ୍ତୁ। ଏବେ ଏଥିରେ ଅଳ୍ପ ଅଳ୍ପ ପାଣି ଦେଇ ନରମ ହେଲା ଯାଏ ଚକଟନ୍ତୁ। ଚକଟି ସାରିବା ପରେ ଏହାକୁ ୨ ଘଣ୍ଟା ଯାଏ ଘୋଡ଼େଇ ରଖିଦିଅନ୍ତୁ। ଦୁଇ ଘଣ୍ଟା ପରେ ଏହାକୁ ପୁଣି କିଛି ସମୟ ଚକଟନ୍ତୁ। ଏବେ ଏହାକୁ ପିଜ୍ଜା ବେସ ପରି ବା ମୋଟା ରୁଟି ଭଳି ବେଲନ୍ତୁ। ବେଲି ସାରିବା ପରେ ଏଥିରେ ଛୋଟ ଛୋଟ କଣା କରନ୍ତୁ। ଏବେ ବେକିଂ ଟ୍ରେରେ ଚାରିଆଡ଼େ ଅଲିଭ ଅଏଲ ଲଗାଇ ଏବେ ପିଜ୍ଜା ବେସକୁ ରଖନ୍ତୁ ଓ ଏହା ଉପରେ ପିଜ୍ଜା ସସ ଢାଳି ଚାରିଆଡ଼େ ଖେଳାଇ ଦିଅନ୍ତୁ। ଏବେ ଏହା ଉପରେ କଟା ପିଆଜ , କ୍ୟାପସିକମ, ଜଲପେନୋ, ବ୍ଲାକ ଅଲିଭ ଏବଂ ମୋଜରାଲା , ଚିଜ ରଖନ୍ତୁ। ଏବେ ଏହା ଚାରିପାଖରେ ଅଳ୍ପ ଅଳ୍ପ ଅଲିଭ ଅଏଲ ଦେଇ ୫ ମିନିଟ ପର୍ଯ୍ୟନ୍ତ ମାଇକ୍ରୋୱେଭରେ ବସାଇଦିଅନ୍ତୁ। ୫ ମିନିଟ ପରେ କାଢି ଦେଖନ୍ତୁ ଏହା ଠିକ ଭାବେ ହୋଇଛି କି ନାହିଁ। ଯଦି ନା ତେବେ ଆଉ ଦୁଇ ମିନିଟ ଛାଡ଼ି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ଚିଜ ପିଜ୍ଜା ।



ପରଦା ଖବର

# ଆନିଭର୍ସରୀରେ ଖୁସି ଖବର ଦେଲେ ଅଭିନେତା ରଣଦୀପ ହୁଡା



ବଲିଉଡ ଅଭିନେତା ରଣଦୀପ ହୁଡା ତାଙ୍କ ପତ୍ନୀ ଲିନ୍ ଲାଇଶ୍ରାମଙ୍କ ସହ ଆଜି ତାଙ୍କର ଦ୍ୱିତୀୟ ଆନିଭର୍ସରୀ ପାଳନ କରୁଛନ୍ତି । ଏହି ଅବସରରେ ରଣଦୀପ ଏକ ପୋଷ୍ଟ ସେୟାର କରି ତାଙ୍କର ଫ୍ୟାନ୍ସଙ୍କୁ ଖୁସି ଖବର ଦେଇଛନ୍ତି । ଖୁବ୍ ଶୀଘ୍ର ସେମାନେ ବାପା-ମା ହେବାକୁ ଯାଉଥିବା କହିଛନ୍ତି । ସୋସିଆଲ ମିଡିଆରେ ଏହି ପୋଷ୍ଟ ସେୟାର ହେବା ପରେ ତାଙ୍କ ଫ୍ୟାନ୍ସ ଖୁସି ପ୍ରକାଶ କରିବା ସହ ଅଭିନନ୍ଦନ ଜଣାଇଛନ୍ତି ।ଅଭିନେତା ରଣଦୀପ ହୁଡା ଏବଂ ଲିନ୍ ଲାଇଶ୍ରାମ ସେମାନଙ୍କର ଦ୍ୱିତୀୟ ଆନିଭର୍ସରୀରେ ପ୍ରଥମ ସନ୍ତାନର ଖୁସିକୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଏହି ଖୁସି ଖବର ପୋଷ୍ଟ ସେୟାର କରିବା ସହ କ୍ୟାପସନରେ ଲେଖିଛନ୍ତି ଯେ, ଦୁଇ ବର୍ଷର ପ୍ରେମ ପରେ ଏବେ ଗୋଟିଏ କୁନି ଅତିଥି ଆସିବାକୁ ଯାଉଛି ।ଯଦି ସେମାନଙ୍କ ବିବାହ କଥା କୁହାଯାଏ ତେବେ ନଭେମ୍ବର ୨୯, ୨୦୨୩ ରେ ମଣିପୁରର ଇମ୍ଫାଲରେ ଏକ ପାରମ୍ପରିକ ବିବାହ ଉତ୍ସବରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବର୍ତ୍ତମାନ କିନ୍ତୁ ବାହାଘରର ୨ ବର୍ଷ ପରେ ଏହି ଖୁସି ଖବରକୁ ଫ୍ୟାନ୍ସଙ୍କ ସହିତ ସେୟାର କରିଛନ୍ତି ।ଏହି ପୋଷ୍ଟ ଭାଇରଲ ହେବା ପରେ ଅଭିନନ୍ଦନର ସୁଅ ଛୁଟିଛି।

## ଚକ୍ଷୁର ଯତ୍ନ



ଆଳୁରେ ପାଣି ଭାଗ ରହିବା ସହ ଭିଟାମିନ ସି ଓ ପୋଟାସିୟମ ଅଧିକ ପରିମାଣରେ ଥାଏ। ଏହାକୁ ନିୟମିତ ୧୦ ରୁ ୧୫ ମିନିଟ ଲଗାଇଲେ ଆଖି ପାଇଁ ଖୁବ ଲାଭଦାୟକ ଅଟେ। ଆଖିରେ ବିଶେଷ କରି ଆଖିର ତଳ ଭାଗରେ ଗୋଲାପ ଜଳକୁ ତୁଳା ସାହାଯ୍ୟରେ ବ୍ୟବହାର କରିବା ଦ୍ୱାରା ଆଖି କୁଣ୍ଡାଇ ହେବା, ଲାଲ ହେବା ଭଳି ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। କାକୁଡ଼ିରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଏ। ଏହା ଆଖିର ଥକ୍କାପଣ ଦୂର କରିଥାଏ। ଆଖି ତଳର କଳା ଦାଗ ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବଢାଇଥାଏ। କାକୁଡ଼ିକୁ ଗୋଲ ଆକୃତିର ଦୁଇଫାଳ କାଟି ନିୟମତି ୧୫ ରୁ ୨୦ ମିନିଟ ଆଖି ଉପରେ ରଖନ୍ତୁ। ଆଖି ପାଇଁ ଏହା ଖୁବ ଲାଭଦାୟକ। ଲିଚୁ ଖାଇବା ପାଇଁ ଯେପରି ସ୍ୱାଦିଷ୍ଟ ଅଟେ। ସେପରି ଆଖି ପାଇଁ ମଧ ଲାଭଦାୟକ ଅଟେ। ଏଥିରେ ଥିବା ଆଣ୍ଟି-ଅକ୍ସାଇଡ ଆଖିର ଦାଗ ଦୂର କରିବା ସହ ଏହାର ଉଜ୍ଜ୍ୱଳତା ବଢାଇଥାଏ ।ଏହାକୁ ଦୁଇଫାଳ କରି ଆଖିରେ ଲଗାଇ ୨୦ ରୁ ୩୦ ମିନିଟ ରଖିଲେ ଏହା ଆଖି ପାଇଁ ଖୁବ ଉପକାରୀ ହୋଇଥାଏ।

# ଅର୍ଜୁନଙ୍କ ବ୍ୟତୀତ କିଏ ଶୁଣିଥିଲେ ଶ୍ରୀକୃଷ୍ଣଙ୍କ ଗୀତାଜ୍ଞାନ ? ଜାଣନ୍ତୁ



ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ କୌରବଙ୍କ ବିରୋଦ୍ଧରେ ଅସ୍ତ୍ର ଉଠାଇବାକୁ ରାଜି ନଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ ।କୁରୁକ୍ଷେତ୍ରରେ ଚାରିଆଡେ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ ।କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମୀରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ ।ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କିଛି ଜଣ ହିଁ ଏହାକୁ ଶୁଣିପାରିଥିଲେ। ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ ।ଆସନ୍ତୁ ଜାଣିବା ସେମାନେ କିଏ ଥିଲେସବୁଠାରୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତ । ଙ୍କ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହି କାରଣରୁ ହିଁ ସେ ମହଲରେ ଥାଇ ମଧ୍ୟ ଶୁଣିପାରିଥିଲେ ଗୀତା ଜ୍ଞାନ ।ତୃତୀୟ ତଥା ଶେଷରେ ଗୀତା ଜ୍ଞାନ ଶୁଣିଥିଲେ ଘଟୋତ୍କୋଚଙ୍କ ପୁଅ ଅର୍ଥାତ୍ ଭୀମଙ୍କ ନାତି । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ୍ୟ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।

# ନିଜ ଘରର ପରିବେଶକୁ ରଖନ୍ତୁ ସ୍ୱାସ୍ଥ୍ୟକର



ପ୍ରଦୂଷିତ ପରିବେଶ ଯୋଗୁ ଲୋକମାନେ ଅଧିକ ରୋଗର ଶିକାର ହେଉଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ନାନା ପ୍ରକାରର ଔଷଧ ମଧ୍ୟ ଖାଉଛନ୍ତି। ହେଲେ ଆପଣ ଜାଣିନଥିବେ ଯେ କେବଳ ବାହାରର ପ୍ରଦୂଷଣ ନୁହେଁ ବରଂ ଆପଣଙ୍କ ଘରର ଦୂଷିତ ବାତାବରଣ ବି ଆପଣଙ୍କୁ ରୋଗରେ ପକାଇପାରେ। ତେବେ ଆଜି ଆମେ ଆପଣଙ୍କୁ କିଛି ଟିପ୍ସ ଦେବୁ ଯାହାକୁ ଆପଣାଇ ଆପଣ ନିଜ ଘରକୁ ଏକ ସ୍ୱାସ୍ଥ୍ୟକର ବାତାବରଣ ଦେଇପାରିବେ। ଘରକୁ ସବୁଦିନ ଝାଡୁ ମାରନ୍ତୁ। ବିଶେଷ କରି ଘରର କୋଣ ଗୁଡ଼ିକୁ ଭଲଭାବେ ସଫା କରନ୍ତୁ। ପ୍ରତ୍ୟେକ ସପ୍ତାହରେ ଘର ଝାଡ ଝୁଡି କରନ୍ତୁ। କାର୍ପେଟ୍, ପରଦା, ସୋଫା କଭର ସହ ଅନ୍ୟାନ୍ୟ କଭର ଗୁଡ଼ିକୁ ସପ୍ତାହରେ ଥରେ ସଫା କରନ୍ତୁ। ପ୍ରତ୍ୟେକ ଦିନ ବେଡସିଟ୍ ବଦଳାନ୍ତୁ ଓ ତାକୁ ଧୋଇଦିଅନ୍ତୁ। ବିଶେଷ କରି ଯଦି ଆପଣଙ୍କର ଗୃହପାଳିତ ପଶୁ ଅଛି ତାକୁ ଓ ତାର ବ୍ୟବହୃତ ଜିନିଷ ଗୁଡିକୁ ମଧ୍ୟ ସଫା ରଖନ୍ତୁ। ପ୍ରତ୍ୟେକ ଦିନ ପାଣିରେ ଆଣ୍ଟିସେପ୍ଟିକ ଲିକ୍ୟୁଇଡ୍ ପକାଇ ଘରର ଚଟାଣ ସଫା କରନ୍ତୁ।

ଭବାଥରୁମ ସଫା ରଖନ୍ତୁ: ବାଥରୁମକୁ ସବୁବେଳେ ସଫା ରଖନ୍ତୁ। ବାଥରୁମରେ ଏକ ଏକ୍ସଷ୍ଟ ଫ୍ୟାନ୍ ଲଗାନ୍ତୁ। ଏହା ଦ୍ୱାରା ବାଥରୁମରେ ଦୂଷିତ ବାୟୁ ଘର ଭିତରକୁ ପ୍ରବେଶ କରିପାରିବ ନାହିଁ। ଏଥିସହ ବାଥରୁମ୍ ଭିତରେ ଅଧିକ ସମୟ ରହିଲେ ମଧ୍ୟ ଅଣନିସ୍ୱାସୀ ଲାଗିବ ନାହିଁ।

ଭ ଘରେ ଧୂମପାନ କରନ୍ତୁ ନାହିଁ: ଧୂମପାନ ଶରୀର ପାଇଁ କେତେ ହାନିକାରକ ଏ କଥା ତ ସମସ୍ତେ ଜାଣନ୍ତି। ଆପଣ ଜାଣନ୍ତି କି ଧୂମପାନ କରୁଥିବା ବ୍ୟକ୍ତି ପାଇଁ ଏହା ଯେତେ କ୍ଷତି କରେ ଏହି ଧୂଆଁ ତାଙ୍କ ଆଖପାଖରେ ଥିବା ବ୍ୟକ୍ତିଙ୍କର ମଧ୍ୟ ସେତିକି କ୍ଷତି କରେ। ତମାଖୁର ଧୂଆଁ ଘରର ବାତାବରଣକୁ ଦୂଷିତ କରିଦିଏ। ଯାହାକି ଛୋଟପିଲାମାନଙ୍କ ପାଇଁ ବହୁତ କ୍ଷତିକାର।

ଭ ରୋଷେଇ ଘରେ ପରିବର୍ତ୍ତନ କରନ୍ତୁ: ରାନ୍ଧିବା ସମୟରେ, ରନ୍ଧନ ଧୂଆଁରୁ ମୁକ୍ତି ପାଇବା ପାଇଁ ଘରର ଝରକା ସବୁ ଖୋଲା ରଖନ୍ତୁ। ରୋଷେଇ ଘରେ ଏକଜିଷ୍ଟ ଫ୍ୟାନ୍ କିମ୍ବା ଚିମିନି ଲଗାନ୍ତୁ, ଏହା ଦୂଷିତ ବାୟୁକୁ ନିଷ୍କାସିତ କରିବ। ନିୟମିତ ରୋଷେଇ ଘରକୁ ସଫା କରନ୍ତୁ। ପରିବା ଚୋପା ଓ ଅଇଁଠାକୁ ଏଣେ ତେଣେ ନ ପକାଇ ଘୋଡ଼ଣୀ ଥିବା ଡଷ୍ଟବିନରେ ପକାନ୍ତୁ। ଆଉ ପ୍ରତ୍ୟେକ ଦିନ ଡଷ୍ଟବିନକୁ ଖାଲି କରନ୍ତୁ।

ଭ ଉତ୍କଟ ସୁଗନ୍ଧଯୁକ୍ତ ଦ୍ରବ୍ୟରୁ ଦୂରେଇ ରୁହନ୍ତୁ: ରୁମ୍ ଫ୍ରେସନର, କୀଟନାଶକ ପ୍ରତିରୋଧକ ଯେପରିକି ମଶାଧୂପ, ଅତର, ଅତ୍ୟଧିକ ବାସ୍ନା ହେଉଥିବା ଓ ଧୂଆଁ ବାହାରୁଥିବା ଧୂପ କାଠି ଫିନାଇଲ୍ ବ୍ୟବହାର କମ୍ କରନ୍ତୁ। ଏସବୁ ଆଲର୍ଜି କରିପାରେ ଓ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିପାରେ।

ଭ ଇନଡୋର ପ୍ଲାଣ୍ଟ ରଖନ୍ତୁ: ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁକୁ ଶୁଦ୍ଧ କରିବାରେ ଇନଡୋର ପ୍ଲାଣ୍ଟଗୁଡ଼ିକର ବହୁତ ବଡ଼ ଭୂମିକା ରହିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ଲାଣ୍ଟଗୁଡ଼ିକ ଆମ ଘର ଭିତରୁ ବେନଜେନ, ଫର୍ମାଲଡିହାଇଡ୍, ଟ୍ରାଇକ୍ଲୋରେଥାଇଲନ୍, ଜାଇଲିନ୍, ଏବଂ ଆମୋନିୟା ଭଳି ବିଶାକ୍ତ ଗ୍ୟାସକୁ ବାହାର କରି କିଛି ଘରକୁ ବିଶୁଦ୍ଧ କରେ।



# ନୀରବରେ ଆରମ୍ଭ ହୁଏ କିଡ଼ନୀ ସମସ୍ୟା

ଜଣେ ବ୍ୟକ୍ତିର ସାମଗ୍ରିକ ସ୍ୱାସ୍ଥ୍ୟରେ ବୃକକ୍ (କିଡ଼ନୀ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶରୀର ମଧ୍ୟରୁ ବର୍ଜ୍ୟବସ୍ତୁ ବାହାର କରିବା, ତରଳ ଏବଂ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ବଜାୟ ରଖିବା, ରକ୍ତଚାପ ନିରୀକ୍ଷଣ କରିବା ଏବଂ ଲାଲ ରକ୍ତ କଣିକା ସୃଷ୍ଟିରେ କିଡ଼ନୀ ସହାୟତା କରିଥାଏ। କିନ୍ତୁ କିଡ଼ନୀ ଜନିତ କୌଣସି ସମସ୍ୟା ଦେଖାଦେଲେ ମଧ୍ୟ ତାହାକୁ ଅନ୍ୟାନ୍ୟ ରୋଗ ଭଳି ଆମେ ଅଣଦେଖା କରିଥାଉ। ତାହେଲେ ଆସନ୍ତୁ ଜାଣିବା କିଡ଼ନୀ ରୋଗର ପ୍ରାରମ୍ଭିକ ଲକ୍ଷଣ ସମ୍ପର୍କରେ।

୧. ନିରନ୍ତର ଥକାପଣ ଏବଂ ଦୁର୍ବଳତ:
ବୃକକ୍ ସମସ୍ୟା ଆରମ୍ଭ ହେଲେ ରକ୍ତରେ ବିଷାକ୍ତ ପଦାର୍ଥ ଜମା ହୋଇଥାଏ, ଯାହା ଶକ୍ତି ସ୍ତରକୁ ପ୍ରଭାବିତ କରେ। ଏହା ବ୍ୟତୀତ, ଯେତେବେଳେ ବୃକକ୍ ପର୍ଯ୍ୟାପ୍ତ ପରିମାଣରେ ଏରିଥ୍ରୋପୋଏଟିନ୍ ଉତ୍ପାଦନ କରିବାରେ ବିଫଳ ହୁଏ - ତାହା ରକ୍ତହୀନତା ସୃଷ୍ଟି କରିପାରେ। ଅନେକ ଦିନ ଧରି ଥକାପଣ ବା ଅଳସୁଆ ଭଳି ଲାଗିବା, ଏକାଗ୍ରତାର ଅଭାବ ଏବଂ ଅଳ୍ପ କାମ କରିବା ପରେ କ୍ଲାନ୍ତ ଅନୁଭବ କରିବା ମଧ୍ୟ କିଡ଼ନୀ ସମସ୍ୟାର କାରଣ ହୋଇପାରେ।

୨. ପରିସ୍ରା ଅଭ୍ୟାସରେ ପରିବର୍ତ୍ତନ: ବାରମ୍ବାର ପରିସ୍ରା ଲାଗିବା, ପରିଶ୍ରା ରଙ୍ଗ କିମ୍ବାରେ ପରିବର୍ତ୍ତନ ସାଧାରଣତଃ ବୃକକ୍ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ କିନ୍ତୁ ଏହାକୁ କ୍ୱଚିତ୍ ଗମ୍ଭୀରତାର ସହିତ ବିଚାର କରାଯାଏ। ରାତି ସମୟରେ ବାରମ୍ବାର ପରିସ୍ରା ଲାଗିବା, ବୁନ୍ଦା ବୁନ୍ଦା ପରିସ୍ରା ହେବା କିମ୍ବା ଫେଣଯୁକ୍ତ ପରିସ୍ରା (ଯାହା ପ୍ରୋଟିନ୍ ହ୍ରାସକୁ ସୂଚିତ କରେ), ପରିସ୍ରାରେ ରକ୍ତ ପଡିବା, କିମ୍ବା ଅତ୍ୟଧିକ ଗାଢ଼ ପରିସ୍ରା ସମ୍ଭାବ୍ୟ ବୃକକ୍ ଆଘାତର ସୂଚକୟ ଏହି ପରିବର୍ତ୍ତନଗୁଡ଼ିକ ସାମାନ୍ୟ ଲାଗୁଥିଲେ ମଧ ମଧ ଅଣଦେଖା କଲେ ବଡ଼ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥାଏ।

୩. ପାଦ, ଗୋଡ଼ କିମ୍ବା ମୁହଁରେ ଫୁଲା:
ଯଦି ବୃକକ୍ ଶରୀରରୁ ଅତିରିକ୍ତ ସୋଡିୟମ୍ ଏବଂ ତରଳ ପଦାର୍ଥ ସଫା କରିପାରିବ ନାହିଁ, ତେବେ ଏହା ଫୁଲା ସୃଷ୍ଟି କରେ ଯାହା ସହଜରେ ଦେଖାଯାଏ। ବିଶେଷକରି ଗୋଡ଼ ଏବଂ ଆଖି ଚାରିପାଖରେ ଫୁଲିବା ଜଣାପଡ଼ିଥାଏ। ରୋଗୀମାନେ ପ୍ରାୟତଃ ଦୀର୍ଘ ସମୟ ଧରି ଠିଆ ହେବା କିମ୍ବା ଖରାପ ଖାଇବାକୁ ଦାୟୀ କରନ୍ତି, କିନ୍ତୁ ଏହା ବୃକକ୍ ଜନିତ ସମସ୍ୟା ହୋଇପାରେ।

୪. କୁଣ୍ଡାଇ ହେବା କିମ୍ବା ଚର୍ମରେ ପରିବର୍ତ୍ତନ
ବୃକକ୍ ଦୁର୍ବଳତାର ଏକ କମ୍ ପରିଚିତ ଲକ୍ଷଣ ହେଉଛି ଲଗାତାର କୁଣ୍ଡାଇ ହେବା ।ଏହା ରକ୍ତରେ ଥିବା କ୍ୟାଲସିୟମ୍ ଏବଂ ଫସଫରସ୍ ଭଳି ଅସନ୍ତୁଳନ ଯୋଗୁଁ ହୁଏ।

୫. ଭୋକ ହ୍ରାସ, ଧାତୁ ସ୍ୱାଦ, କିମ୍ବା ବାନ୍ତି
ବୃକକ୍ ସମସ୍ୟା ଦେଖା ଦେଲେ, ଶରୀର ୟୁରେମିକ୍ ବିଷାକ୍ତ ପଦାର୍ଥ ସଂଗ୍ରହ କରେ, ପାଟିକୁ ସ୍ୱାଦ ନ ଲାଗିବା, ଶ୍ୱାସ ଦୁର୍ଗନ୍ଧ ହେବା, ବାନ୍ତି, କିମ୍ବା ଭୋକ ହ୍ରାସ ଭଳି ପାକସ୍ଥଳୀ ଲକ୍ଷଣ ସୃଷ୍ଟି କରେ। ଏହି ଲକ୍ଷଣଗୁଡ଼ିକୁ ସାଧାରଣତଃ ପାଚନ ସମସ୍ୟା ଭାବରେ ଭୁଲ ବ୍ୟାଖ୍ୟା କରାଯାଏ।

ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ଅନୁଭବ କରୁଛନ୍ତି - ବିଶେଷକରି ମଧୁମେହ, ଉଚ୍ଚ ରକ୍ତଚାପ, ବୃକକ୍ ରୋଗର ପାରିବାରିକ ଇତିହାସ, କିମ୍ବା ଯନ୍ତ୍ରଣା ହ୍ରାସ ଔଷଧର ଦୀର୍ଘକାଳୀନ ବ୍ୟବହାର କରୁଛନ୍ତି, ତୁରନ୍ତ ବୃକକ୍ ପରୀକ୍ଷା କରନ୍ତ। ବୃକକ୍ ସ୍ୱାସ୍ଥ୍ୟ ବଜାୟ ରଖିବାର ରହସ୍ୟ ହେଉଛି ସଚେତନତା ଏବଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା।

# ଆଧୁନିକ ଅଡିଟ୍ ବ୍ୟବସ୍ଥା ସୁଶାସନର ଚାବିକାଠି

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ଆଧୁନିକ ଅଡିଟିଂ ଅଭ୍ୟାସ ସୁଶାସନର ଚାବିକାଠି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶୁକ୍ରବାର ଦିନ ଜୟଦେବ ଭବନରେ ଅନୁଷ୍ଠିତ ପଂଚମ ଅଡିଟ୍ ସପ୍ତାହ ପାଳନର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଆଧୁନିକ ଶାସନର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଅଡିଟିଂ ଅଭ୍ୟାସକୁ ରୂପାନ୍ତରିତ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି ଓ ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ, ଆଧୁନିକ ଅଡିଟିଂ ବିଶ୍ଳେଷଣାତ୍ମକ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ଭବିଷ୍ୟତ-ମୁଖୀ ହେବା ଆବଶ୍ୟକ ଓ ସାଧାରଣ ଖର୍ଚ୍ଚ ଏବଂ ଆର୍ଥିକ ବ୍ୟବସ୍ଥାର ଯାଞ୍ଚକୁ ଉନ୍ନତ କରିବା ପାଇଁ ଏହା ତଥ୍ୟ ବିଶ୍ଳେଷଣ, ବାସ୍ତବତା ଓ ମୂଲ୍ୟାଙ୍କନ ଭିତ୍ତିକ ହେବା ଉଚିତ। ଅଡିଟର ଭୂମିକା କେବଳ ଆକାଉଂଟ ଯାଞ୍ଚ କରିବାରେ ସୀମିତ ନୁହେଁ ।ବର୍ତ୍ତମାନ ଅଡିଟ୍ ଶାସନ, ପ୍ରଯୁକ୍ତିବିଦ୍ୟା ଏବଂ ଜନସାଧାରଣଙ୍କ ଆଶା ଅକାଂକ୍ଷାର ସଂଯୋଗସ୍ଥଳ ଭାବେ ଉଭା ହୋଇଛି।




ଡିଜିଟାଲ ପ୍ଲାଟଫର୍ମ ଏବଂ ଦିନକୁ ଦିନ ବହୁଳ ସରକାରୀ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଅଡିଟରେ ବାସ୍ତବତାକୁ ଆକଳନ କରିବା, ନିୟନ୍ତ୍ରଣରେ ଉନ୍ନତି ଆଣିବା ଏବଂ ସୂଚନାଯୁକ୍ତ ନିଷ୍ପତି ନେବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ଭାରତର ଅଡିଟ୍ ସଂସ୍ଥାଗୁଡ଼ିକର ଇତିହାସ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ୧୫୦ବର୍ଷରୁ ଅଧିକ ସମୟ ଧରି ଏହା ଜନସାଧାରଣଙ୍କ ଉତ୍ତରଦାୟିତ୍ୱବୋଧର ମୂଳଦୁଆ ରହିଆସିଛି ଏବଂ ଏହା ସରକାରୀ ସମ୍ବଳର ଉତ୍ତରଦାୟୀ ଏବଂ ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରି ଶାସନରେ ବିଶ୍ୱାସକୁ ସୁଦୃଢ଼ କରିବାରେ ସହାୟକ ହୋଇଛି।

ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥାକୁ ଗ୍ରହଣ କରିବାରେ ଓଡ଼ିଶାର ଅଗ୍ରଗତିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ଏଥି ସହିତ 'ସମାଧାନ' ଭଳି ପଦକ୍ଷେପକୁ ଅଭିଯୋଗ ପରିଚାଳନାରେ ଉଭୟ ଦକ୍ଷତା ଓ ସହାନୁଭୂତିର ମଡେଲ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଡିଜିଟାଲ ଅଡିଟ୍ ଉପକରଣ, ବିଶ୍ଳେଷଣ ଓ ଦକ୍ଷତା ବିକାଶକୁ ଆପଣେଇ ରାଜ୍ୟକୁ ଆଧୁନିକ ଅଡିଟ୍ ସଂସ୍କାରରେ ଅଗ୍ରଣୀ କରିଥିବାରୁ ଓଡ଼ିଶାର ଆକାଉଂଟାଂଟ ଜେନେରାଲ୍ (ଏଜି)କାର୍ଯ୍ୟାଳୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

କୃତ୍ରିମ ବୁଦ୍ଧିମତା ଓ ଉନ୍ନତ ବିଶ୍ଳେଷଣର ବ୍ୟବହାର ସମେତ ନବସୃଜନ, ସହଯୋଗ ଏବଂ ବୃତିଗତ ଉତ୍କର୍ଷ ଉପରେ ଅଡିଟର ଭବିଷ୍ୟତ ନିର୍ଭର କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ପାରଦର୍ଶିତା ଏବଂ ସଂସ୍ଥାଗତ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ଏକ ଆଗୁଆ, ସମନ୍ୱିତ ଏବଂ ପରାମର୍ଶମୂଳକ ଅଡିଟ ଫ୍ରେମୱାର୍କର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଓଡ଼ିଶାର ପ୍ରିନ୍ସିପାଲ ଆକାଉଂଟାଂଟ ଜେନେରାଲ (ଏ ଆଣ୍ଡ ଇ) ଡି .ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରିନ୍ସିପାଲ ଆକାଉଂଟାଂଟ ଜେନେରାଲ(ଅଡିଟ-୧) ସୁବୁ ଆର. ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟରେ ୨୯୭ ମିଶନ ଶକ୍ତି କାଫେ

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ରାଜ୍ୟରେ ମୋଟ୍ ୨୯୭ଟି ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ବର୍ତ୍ତମାନ ଏଥିରୁ ୨୫୪ଟି କାର୍ଯ୍ୟକ୍ଷମ ରହିଛି ଏବଂ ଏଥିରେ ୨୨୩୯ ଜଣ ଏସଏଚଜି ସଦସ୍ୟା କାର୍ଯ୍ୟ କରୁଛନ୍ତି। ସୁଭଦ୍ରା ଶକ୍ତିକାଫେ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ସର୍ବାଧିକ ୧୮ଟି କରି କାଫେ କୋରାପୁଟ ଓ ସୁନ୍ଦରଗଡ ଜିଲ୍ଲାରେ ରହିଛି। ଗଞ୍ଜାମ ଓ ଖୋରଧା ଜିଲ୍ଲାରେ ୧୬ଟି କାଫେ ରହିଥିବାବେଳେ କଳାହାଣ୍ଡିରେ ୧୫ଟି, ସମ୍ବଲପୁର, ମୟୁରଭଞ୍ଜ, କେନ୍ଦୁଝରରେ ୧୪ଟି କରି, ବରଗଡ ଓ କଟକରେ ୧୩ଟି କରି ସୁଭଦ୍ରା ଶକ୍ତି କାଫେ ରହିଛି। ସବୁଠାରୁ କମ୍ ମାତ୍ର ୪ଟି କାଫେ ଦେବଗଡ ଜିଲ୍ଲାରେ ରହିଛି। କିଛି କାଫେ ପରିଚାଳନା କରୁଥିବା ଗୋଷ୍ଠି ଓ ମହାସଂଘ କାଫେର ବିଭିନ୍ନ କାମ ପାଇଁ ଅତିରିକ୍ତ ବ୍ୟକ୍ତି ନିଯୁକ୍ତ କରୁଛନ୍ତି ଓ ସେମାନଙ୍କୁ ହାରାହାରି ମାସିକ ୮ ରୁ ୧୦ ଟଙ୍କା ପ୍ରଦାନ କରୁଛନ୍ତି।




# ୬ ନୂଆ ସହରରେ ଗଡ଼ିବ ଇଭି ବସ୍

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ଆଗାମୀ ଦିନରେ ୬ଟି ନୂଆ ସହରରେ ଇଭି ବସ୍ ଗଡ଼ିବ। ଏନେଇ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଏବେ ରାଜ୍ୟରେ ୬୭୦ଟି ବସ୍ ଚାଲିଛି, ସେଥିମଧ୍ୟରୁ ୨୨୦ଟି ଇଭି ବସ୍ ଚାଲିବ। ଏବେ ୧୧୩ଟି ରୁଟରେ ୧୩୯୯ କିମି ବସ୍ ଚାଲୁଛି। ଆଗକୁ ଯେଉଁଠି ଆବଶ୍ୟକତା ଅଛି, ସେହି ସହରରେ ବସ୍ ଚାଲିବ। ଅନଲାଇନ୍ ଟିକେଟରେ ରିହାତି ପାଇଁ ୩୫% ଟିକେଟ୍ ଆଦାୟ ରାଶି ବଢ଼ିଛି। ଇ-ବସର ବର୍ଦ୍ଧିତ ଗ୍ରହଣ, ଯାତ୍ରୀ-ଅନୁକୂଳ ସେବା ଏବଂ ଏକ ବିସ୍ତାରିତ ରୁଟ୍ ନେଟୱର୍କ ସହିତ, ରାଜ୍ୟ ଏକ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଅନ୍ତର୍ଭୁକ୍ତ ଗତିଶୀଳତା ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ରେଳ ସେକ୍ସନ ଯାଞ୍ଚ କଲେ ଖୋର୍ଦ୍ଧା ରୋଡ଼ ଡିଆରଏମ

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠି ଶୁକ୍ରବାର ରେଳମଣ୍ଡଳର ବରିଷ୍ଠ ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡରୁ ଜଖପୁରା ଏବଂ ନୟାଗଡ଼ (କେଉଁଝର) ରେଳ ସେକ୍ସନ ପର୍ଯ୍ୟନ୍ତ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା, ଭିତିଭୂମି ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ରେଳ କରିଡରରେ ସୁଗମ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ସମ୍ବନ୍ଧରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଶ୍ରୀ ତ୍ରିପାଠି ମଧ୍ୟ ଟ୍ରାକ୍ ଜ୍ୟାମିତି, ଆଲାଇନମେଂଟ, ସେତୁ, କଲଭର୍ଟ, ଲେଭଲ କ୍ରସିଂ, ସିଗନାଲିଂ ସ୍ଥାପନ, ଇଣ୍ଟରଲକିଂ ବ୍ୟବସ୍ଥା, ଟର୍ଣ୍ଣଆଉଟ୍, ଡ୍ରେନେଜ୍ ସିଷ୍ଟମ ଏବଂ ଅନ୍ୟାନ ସୁରକ୍ଷା କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିବାବେଳେ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ବାଡ଼ ଏବଂ ସୁରକ୍ଷା ବ୍ୟବସ୍ଥା ଗୁଡିକର ମଧ୍ୟ ସମୀକ୍ଷା କରିଥିଲେ। ଟ୍ରାକ୍ ନବୀକରଣ, ସେତୁ ପୁନର୍ବାସ, ଷ୍ଟେସନ ୟାର୍ଡ ଉନ୍ନତି, ଲାଇନ-କ୍ଷମତା ବୃଦ୍ଧି ପ୍ରକଳ୍ପ ଗୁଡିକ ସହିତ ସିଗନାଲିଂ ଏବଂ ବିଦ୍ୟୁତୀକରଣ ପ୍ରଣାଳୀର ଉନ୍ନୟନ ସମେତ ବିଭିନ୍ନ ଭିତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ମଧ୍ୟ ଶ୍ରୀ ତ୍ରିପାଠୀଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଯାତ୍ରୀ ସୁବିଧା ଯେପରିକି ପରିଷ୍କାର ପରିଚ୍ଛନ୍ନତା, ଆଲୋକ, ପାନୀୟ ଜଳ ସୁବିଧା, ବସିବା ବ୍ୟବସ୍ଥା, ସୂଚନା ଓ ପ୍ରଦର୍ଶନୀ ବୋର୍ଡ ଏବଂ ଷ୍ଟେସନରେ ସୁରକ୍ଷା ବ୍ୟବସ୍ଥା ଗୁଡିକ ମଧ୍ୟ ଯାଂଚ କରାଯାଇଥିଲା।



# କିଟ୍‌ରେ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଘାଟିତ

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ୨୬ ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏବଂ ଏସ୍‌ଡିଜି: ସାଇନ୍‌ସ ଆଣ୍ଡ ଟେକ୍ନୋଲୋଜି ଇନୋଭେସନ୍‌ସ ବିଷୟବସ୍ତୁ ଆଧାରିତ ସଷ୍ଟେନେବଲ୍ ଗ୍ରୀନ୍ ଫ୍ରଣ୍ଟିୟର୍ସ ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ କିଟ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍ଘାଟନ କରି ରସାୟନ ବିଜ୍ଞାନ କ୍ଷେତ୍ରରେ ଜୀବନ ବ୍ୟାପୀ ଅବଦାନ ନିମନ୍ତେ ପ୍ରତବର୍ଷ ଜଣେ ରସାୟନ ବିଜ୍ଞାନୀଙ୍କୁ କିଟ୍ ପକ୍ଷରୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ନିରନ୍ତର ସବୁଜ ସୀମା ଉପରେ ଏହି ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶା ଏନଭିରନମେଣ୍ଟ ସୋସାଇଟି ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସର୍ଜନା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ କିପରି ପ୍ରୟୋଗ କରିବା, ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ପ୍ରାକ୍ତନ ସଚିବ ଡ. ଅରୁଣ କୁମାର ରଥ ଯୋଗ ଦେଇଥିବା ବେଳେ ଡିଆର୍‌ଡିଓ ବେଙ୍ଗାଲୁରୁର ମହାନିର୍ଦ୍ଦେଶକ (ଇସିଏସ୍), ପ୍ରଫେସର ଟି କେ ବସ୍ତିଆ, ଓଡ଼ିଶା ପରିବେଶ ସମତି ସଂଯୋଜକ ପ୍ରଫେସର ଏସ୍ ଏନ୍ କୁଣ୍ଡୁ, କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗଦାନ କରିଛନ୍ତି।




ବିଶ୍ୱସ୍ତରରେ ୨୦୧୬ ରୁ ୨୦୩୦ ପର୍ଯ୍ୟନ୍ତ ଜାତିସଂଘ ଆନୁକୁଲ୍ୟରେ କାର୍ଯ୍ୟକାରୀ ହେଉଥିବା ନିରନ୍ତର ବିକାଶ ଲକ୍ଷ୍ୟର ଗୁରୁତ୍ୱ ଏବଂ ଏ ସବୁ ଲକ୍ଷ୍ୟ ସାଧନ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଭାରତରେ ଏ ସବୁ ଲକ୍ଷ୍ୟ ହାସଲ ନିମନ୍ତେ ଗବେଷଣାରତ ବୈଜ୍ଞାନିକମାନେ, ବିଶେଷତଃ ଯୁବ ବୈଜ୍ଞାନିକ ଗୋଷ୍ଠୀ ନବସର୍ଜନା ମାଧ୍ୟମରେ ସଫଳତା ହାସଲ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦାର୍ଥ ବିଜ୍ଞାନୀ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ଜୀବ ବିଜ୍ଞାନୀ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ପରିବେଶ ବିଜ୍ଞାନୀ ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ ଏବଂ ଯାନ୍ତ୍ରିକ ବିଜ୍ଞାନୀ ଡ. ବିନୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ଏହି ସମ୍ମିଳନୀର ଆବାହକ ରୂପେ ୧୫ ବର୍ଷର ଅବଦାନ ନିମନ୍ତେ ମଧ୍ୟ ସମ୍ମାନୀତ କରାଯାଇଥିଲା। ଶେଷରେ ପରିବେଶ ସମିତିର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟରେ ୫୧ ନିଶା ନିବାରଣ କେନ୍ଦ୍ର

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ରାଜ୍ୟରେ ମୋଟ୍ ୫୧ଟି ନିଶା ନିବାରଣ କେନ୍ଦ୍ର ଥିବାବେଳେ ଏଥିରୁ ୧୧ଟି କେନ୍ଦ୍ରକୁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଉଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଦାନର ବିବରଣୀ ରାଜ୍ୟ ସରକାରଙ୍କ ନିକଟରେ ନାହିଁ। ରାଜ୍ୟରେ ଥିବା ନିଶା ନିଶା ନିବାରଣ କେନ୍ଦ୍ର ମଧ୍ୟରୁ ୧୧ଟି ରାଜ୍ୟ ସରକାରଙ୍କ ଅନୁଦାନରେ ଚାଲୁଛି । ପ୍ରତ୍ୟେକ କେନ୍ଦ୍ରକୁ ରାଜ୍ୟ ସରକାର ବର୍ଷକୁ ୭୪ଲକ୍ଷ ୩୨ହଜାର ଟଙ୍କାର ଅନୁଦାନ ଯୋଗାଇ ଦେଇଥାନ୍ତି । ପ୍ରତି କେନ୍ଦ୍ରରେ ୩୦ଜଣ ଲେଖାଁଏ ନିଶାସକ୍ତ ବ୍ୟକ୍ତିଙ୍କୁ ଏକ ମାସ ପର୍ଯ୍ୟନ୍ତ ମାଗଣାରେ ରହିବା, ଖାଇବା, ଚିକିତ୍ସା ସହିତ ବୈଷୟିକ ତାଲିମର ବ୍ୟବସ୍ଥା ରହିଛି । ଏହିସବୁ କେନ୍ଦ୍ରଗୁଡିକ ଭୁବନେଶ୍ୱ, ଖୋରଧା, କଟକ, ବାଲେଶ୍ୱର, ବ୍ରହ୍ମପୁର, ପୁରୀ, ସମ୍ବଲପୁର, କନ୍ଧମାଳ, କୋରାପୁଟ, କେନ୍ଦୁଝର ଓ ସୁନ୍ଦରଗଡରେ ରହିଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟର ୨୯ଟି ଜିଲ୍ଲାରେ ୪୧ଟି ନିଶା ନିବାରଣ କେନ୍ଦ୍ର ଥିବାବେଳେ ଏଥିରେ ୧୫ଜଣ କରି ନିଶାସକ୍ତ ବ୍ୟକ୍ତିଙ୍କୁ ରଖାଯିବାର ବ୍ୟବସ୍ଥା ରହିଛି । ତେବେ କେନ୍ଦ୍ର ସରକାର ଏହି ନିଶାନିବାରଣ କେନ୍ଦ୍ରଗୁଡିକୁ ବାର୍ଷିକ କେତେ ଅନୁଦାନ ଦେଉଛନ୍ତି ତାହାର ସୂଚନା ରାଜ୍ୟ ସରକାରଙ୍କ ହସ୍ତଗତ ହୋଇନାହିଁ । ଅନ୍ୟ ପକ୍ଷରେ ଜାତୀୟ ମାନବ ଅଧିକାର ଆୟୋଗଙ୍କ ସୂଚନା ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଢେଙ୍କାନାଳ ସ୍ଥିର ଚେତନା ନାମକ ଏକ ନିଶା ନିବାରଣ କେନ୍ଦ୍ରରେ ୨୦୨୧ ମସିହାରେ ଜଣେ ଅନ୍ତେବାସୀ ପ୍ରାଣ ହରାଇଥିଲେ । ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ କୌଣସି ଅନ୍ତେବାସୀ ପ୍ରାଣ ହରାଇନଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ତାଳଚେରର ବିଜେଡ଼ି କର୍ମୀ ବିଜେପିରେ ମିଶିଲେ

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ରାଜ୍ୟରେ ଡବଲ ଇଂଜିନ ସରକାରର ବିକାଶ ମଡେଲକୁ ଆଧାର କରି ସମସ୍ତେ ଏବେ ବିଜେପି ମୁହାଁ । ଦଳର ବିଚାରଧାରା ଉପରେ ଅନୁପ୍ରାଣିତ ହୋଇ ବିଜେପିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି । ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ବିଜେପି କାର୍ଯ୍ୟ କରିବ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନଗମନଠାରୁ ଆରମ୍ଭ କରି ରାଜ୍ୟର ସାମଗ୍ରିକ ବିକାଶ କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ତାଳଚେର ଓ ଅନୁଗୁଳ ହେଉଛି ଓଡ଼ିଶାର କେନ୍ଦ୍ରାଂଚଳ । ଏହି ମିଶ୍ରଣ ପରେ ତାଳଚେର ସମେତ ଅନୁଗୁଳ ଜିଲ୍ଲାରେ ଦଳର ସଂଗଠନ ଆହୁରୀ ଶକ୍ତିଶାଳୀ ହୋଇଯାଇଛି । ସଶକ୍ତ ସଂଗଠନ ଗଢି ତୋଳିବାର ଦାୟୀତ୍ୱ ଆମ ସମସ୍ତଙ୍କର ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୁତିଆ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀ ଭୁତିଆଙ୍କ ସମେତ ତାଳଚେର ପୌର ପରିଷଦର ୧୩ ଜଣ କାଉନସିଲର, ଅନେକ ସଂଖ୍ୟାରେ ସରପଂଚ ଓ ନିର୍ବାଚିତ ଜନପ୍ରତିନିଧି ଏବଂ ବିଜେଡି ନେତା ଆନୁଷ୍ଠନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ବିଜେଡି ନେତାମାନଙ୍କ ଅଣଦେଖା ଓ ଅବହେଳା କାରଣରୁ ସ୍ଥାନୀୟ ଅଂଚଳର ବିକାଶ ବାଧାପ୍ରାପ୍ତ ହୋଇଛି । ବିଜେଡି ଲୋକଙ୍କୁ ଧୋକା ଦେଇଛି । ବିଜେପିର ଡବଲଇଞ୍ଜିନ ସରକାର ଗୋଟିଏ ପରେ ଗୋଟିଏ ବିକାଶମୂଳକ କାର୍ଯ୍ୟ କରିଚାଲିଛି । ତାଳଚେରର ସ୍ୱାର୍ଥ ଏବଂ ବିକାଶ ପାଇଁ ବିଜେପିରେ ସାମିଲ ହେଲୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦେଇଛୁ ବୋଲି ଶ୍ରୀ ଭୁତିଆ କହିଛନ୍ତି ।ଏହି ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।




# ନବମ ଶ୍ରେଣୀରେ ୧୨ ହଜାର ଛାତ୍ରଛାତ୍ରୀ ଫେଲ

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ଚଳିତ ଶିକ୍ଷାବର୍ଷରେ ନବମଶ୍ରେଣୀ ପରୀକ୍ଷା ଦେଇଥିବା ଚାତ୍ରଛାତ୍ରୀଙ୍କ ମଧ୍ୟରୁ ସରକାରୀ ବିଦ୍ୟାଳୟରେ ୧୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟଗୁଡିକରେ ନବମ ଶ୍ରେଣୀରେ ଫେଲ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬ଶହରୁ ଅଧିକ ରହିଛି । ନବମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଉତ୍ତୀର୍ଣ୍ଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଚଳିତ ଶିକ୍ଷାବର୍ଷରେ ସରକାରୀ ବିଦ୍ୟାଳୟଗୁଡିକରେ ୩,୭୪,୦୩୦ ଜଣ ଛାତ୍ରଛାତ୍ରୀ ନବମଶ୍ରେଣୀ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୧୨,୭୫୬ ଜଣ ଫେଲ ହୋଇଥିଲେ । ଫେଲ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୩୪୧ ଜଣ ପୁର୍ନବାର ନବମଶ୍ରେଣୀରେ ପଢିଥିବାବେଳେ ୭୪୫୧ ଜଣ ପାଶ ଫେଲ ତାଲିକାରେ ରହିଥିଲେ। ସେହିଭଳି ରାଜ୍ୟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟଗୁଡିକରେ ୫୧୫୮ ଜଣ ଛାତ୍ରଛାତ୍ରୀ ନବମଶ୍ରେଣୀରେ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୫୭ ଜଣ ଫେଲ ହୋଇଥିଲେ । ଏହି ଫେଲ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୨୭ ଜଣ ପୁର୍ନବାର ନବମ ଶ୍ରେଣୀରେ ପାଠ ପଢିଥିବାବେଳେ ୧୩୦ ଜଣ ଫେଲ ତାଲିକାରେ ରହିଥିଲେ ।



# ଶିଶୁଙ୍କ ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରାଯାଉ

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ହମାରା ବଚ୍‌ପନ ଟ୍ରଷ୍ଟ, ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆ ସହିତ ମିଳିତ ଭାବରେ 'ଉଦ୍ଦୀପନ: ଦି ଫ୍ୟୁଚର ଇଜ୍ ଆୱାର୍ସ। ଆଡୋଲେସେଂଟ୍‌ସ୍ କୋ-ଡିଜାଇନିଂ ସ୍ମାର୍ଟର ସିଟିଜ' ନାମରେ ଏକ ଉଲ୍ଲେଖନୀୟ ନାଗରିକ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମେଫେୟାର କନ୍‌ଭେନ୍‌ସନରେ ଆୟୋଜନ କରିଥିଲା। ମୁଖ୍ୟଅତିଥି ଭାବେ ଗୃହନିର୍ମାଣ ଓ ସହରାଂଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଯୁବ-ଅନ୍ତର୍ଭୁକ୍ତିଭିତିକ ସହରାଂଚଳ ବିକାଶ ନିମନ୍ତେ ସରକାରଙ୍କର ପ୍ରତିବଦ୍ଧତା ଉପରେ ଜୋର୍ ଦେଇଥିଲେ। ସେ କହିଥିଲେ, "କିଶୋରମାନେ କେବଳ ସହରଗୁଡ଼ିକର ବ୍ୟବହାରକାରୀ ନୁହନ୍ତି, ସେମାନେ ମଧ୍ୟ ଏହାର ସହ-ସ୍ରଷ୍ଟା ଅଟନ୍ତି। ସେମାନଙ୍କର ନିରୀକ୍ଷଣ ଏବଂ ଆକଳନ ଆମକୁ ସର୍ବସାଧାରଣ ସ୍ଥଳଗୁଡିକ କିଭଳି ସ୍ୱାସ୍ଥ୍ୟ, ନିରାପତା, ଅନ୍ତର୍ଭୁକ୍ତି ଏବଂ କଲ୍ୟାଣକୁ ପ୍ରଭାବିତ କରେ ତାହା ବୁଝିବାରେ ସହାୟତା କରୁଛି।" ସେ ଆଉ ମଧ୍ୟ ସହରର ସର୍ବସାଧାରଣ ସ୍ଥଳଗୁଡିକ, ଭିନ୍ନକ୍ଷମତା ରହିଥିବା ପିଲାମାନଙ୍କ ନିମନ୍ତେ ସମାବେଶୀ ହେଉଥିବା ଆମୋଦ ପ୍ରମୋଦକାରୀ ଭିତିଭୂମି ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କ ନିମନ୍ତେ ସୁଲଭ ବାସଗୃହ ପ୍ରକଳ୍ପଗୁଡିକ ଭଳି କ୍ଷେତ୍ରରେ ସହରଗୁଡିକରେ ନୂତନ ସଂସ୍କାର ଏବଂ ଭିତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ଫାଉଣ୍ଡର ଚେୟାରପର୍ସନ, ଶ୍ରୀମତୀ ଧରିତ୍ରୀ ପଟ୍ଟନାୟକ, ବିଏମ୍‌ସି କମିଶନର ଚଂଚଲ ରାଣା ଅତିଥିଭାବେ ଯୋଗଦେଇ କହିଥିଲେ, "ପିଲାମାନେ ହେଉଛନ୍ତି ସଚ୍ଚୋଟ ମତାମତ ପ୍ରଦାନକାରୀ। ଯୋଜନା ଓ ଡିଜାଇନ ପ୍ରସ୍ତୁତି କ୍ଷେତ୍ରରେ ଯେତେବେଳେ ସେମାନଙ୍କୁ ଅଗ୍ରାଧିକାର ଦିଆଯାଏ ସେତେବେଳେ ଏହା ବିବିଧ ବୟସ ବର୍ଗର ଲୋକଙ୍କର ପୂର୍ଣ୍ଣାଙ୍ଗ କଲ୍ୟାଣ ସାଧନ କରିଥାଏ।

# ୨୦ ହଜାର ଅଙ୍ଗନବାଡ଼ିର ନାହିଁ ନିଜସ୍ୱ କେନ୍ଦ୍ର

**ଭୁବନେଶ୍ୱର,୩୦।୧୧ (ମହାଭାରତ):** ଗୃହରେ ଅଙ୍ଗନବାଡି କେନ୍ଦ୍ରକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିଧାୟକ। ଉତ୍ତର ରଖିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ରାଜ୍ୟରେ ୨୦ ହଜାର ୧୫୦ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏଥିସହ ୭୩୮୯ଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣଧୀନ ଅଛି। ୪୫୭୪ ଅଙ୍ଗନବାଡ଼ି ସ୍କୁଲ ଘରେ ଚାଲିଛି। ରାଜ୍ୟରେ ମୋଟ ୭୪ ହଜାର ୨୨୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୫୪ ହଜାର ୭୪ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହରେ ଚାଲିଛି। ୧୦ ହଜାର ୪୧୬ ମିନି ଅଙ୍ଗନୱାଡି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନବାଡ଼ିକୁ ରୂପାନ୍ତର ହୋଇଛି। ସବୁ ଅଙ୍ଗନବାଡି ପାଇଁ ନିଜସ୍ୱ ଗୃହ ହେବ। ୧୦ ହଜାର ୪୬୯ କମ୍ୟୁନିଟି ଗୃହରେ ଚାଲିଛି। ୩ ହଜାର ୮୯୦ ଭଡ଼ା ଘରେ ଚାଲିଛି।



ତେବେ ସବୁ ଅଙ୍ଗନୱାଡି ପାଇଁ ନିଜସ୍ୱ ଗୃହ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। କହିଛନ୍ତି, ସକ୍ଷମ ଅଙ୍ଗନୱାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ ପଞ୍ଚାୟତିରାଜ ବିଭାଗ ଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନୱାଡ଼ି ନିର୍ମାଣ କରିବ।

ଅନ୍ୟପଟେ ନିର୍ମାଣ ବିଭାଗ ଅଧିନରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ନେଇ ବିଧାନସଭାରେ ମଧ୍ୟ ହୋଇଛି ଆଲୋଚନା। ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ନେଇ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ଲୋଡ଼ିଛନ୍ତି। ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଉତ୍ତର ରଖିଛନ୍ତି। ରିଙ୍ଗ୍ ରୋଡ୍ ନିର୍ମାଣ ନେଇ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ମନ୍ତ୍ରୀ। ସେହିପରି କଟକ ରିଙ୍ଗ୍ ରୋଡ଼ ପ୍ରକଳ୍ପ କାମ ଓ ଚଣ୍ଡି ମନ୍ଦିର ନିର୍ମାଣକୁ ନେଇ ପ୍ରଶ୍ନ କରିଛନ୍ତି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଶ। ମନ୍ତ୍ରୀ କହିଛନ୍ତି ବର୍ଷା କାରଣରୁ ନିର୍ମାଣ ବିଳମ୍ବିତ ହେଇଛି। ଚଣ୍ଡି ମନ୍ଦିର କାମ ୨୦୨୬ ଜୁନ ମାସ ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# କଂଗ୍ରେସରେ କନ୍ଦଳ

ଯେଉଁ ୩ଟି ରାଜ୍ୟରେ କଂଗ୍ରେସ କ୍ଷମତାସୀନ ରହିଛି ସେଥିରୁ କର୍ଣ୍ଣାଟକ ହେଉଚି ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। କର୍ଣ୍ଣାଟକରେ କଂଗ୍ରେସ ସହ ବିଜେପିର ମୁକାବିଲା ହେଉଥିବା ବେଳେ ଦେବଗୌଡ଼ାଙ୍କ ନେତୃତ୍ୱାଧୀନ ଧର୍ମ ନିରପେକ୍ଷ ଜନତା ଦଳ (ଜେଡିଏସ) ମଧ୍ୟ ତୃତୀୟ ଶକ୍ତି ଭାବେ ରହିଛି। ତେବେ ଜେଡିଏସର ପ୍ରଭାବ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ବିଜେପି ଓ କଂଗ୍ରେସ ପାଳି କରି ରାଜ୍ୟରେ ।ସନ କ୍ଷମତା ଦଖଲ କରିଆସୁଛନ୍ତି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କରି କ୍ଷମତାସୀନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟା ଦ୍ୱିତୀୟ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହି ପଦ ନିମନ୍ତେ ଅନ୍ୟ ଜଣେ ଦାବିଦାର ଥିଲେ ।ସେ ହେଲେ ତତ୍କାଳୀନ ପିସିସି ସଭାପତି ଡି କେ ଶିବକୁମାର। ସେ ମୁଖ୍ୟମନ୍ତ୍ରୀ ହେବାକୁ ହକଦାର ଥିଲେ। କିନ୍ତୁ କଂଗ୍ରେସ ହାଇକମାଣ୍ଡ ବରିଷ୍ଠତା ଦୃଷ୍ଟିରୁ ସିଦ୍ଧରାମେୟାଙ୍କୁ ଏହି ପଦ ଲାଗି ବାଛିଲେ। ଶିବକୁମାର ହେଲେ ଉପ-ମୁଖ୍ୟମନ୍ତ୍ରୀ। ସେତେବେଳେ ବୁଝାମଣା ହୋଇଥିଲା ଯେ, ଉଭୟ ଶିବକୁମାର ଏବଂ ସିଦ୍ଧରାମେୟା ୫ ବର୍ଷିଆ କାର୍ଯ୍ୟକାଳ ମଧ୍ୟରେ ପାଳିକରି ଅଢ଼େଇ ବର୍ଷ ହେବ ମୁଖ୍ୟମନ୍ତ୍ରୀ ରହିବେ। ଅବଶ୍ୟ ଦଳ ପକ୍ଷରୁ ସେଭଳି କିଛି ଘୋଷଣା ହୋଇନଥିଲା। କିନ୍ତୁ ଏହା ଥିଲା ଅଘୋଷିତ ବୁଝାମଣା। ଇତିମଧ୍ୟରେ ସିଦ୍ଧରାମେୟାଙ୍କ ଅଢ଼ଇ ବର୍ଷର ଶାସନ କାଳ ସରିଗଲାଣି। ବୁଝାମଣା ଅନୁଯାୟୀ ସେ ମୁଖ୍ୟମନ୍ତ୍ରୀ ପଦ ଶିବକୁମାରଙ୍କୁ ଛାଡ଼ିଦେବା ଉଚିତ। କିନ୍ତୁ ସେ ଏବେ ଏଥିଲାଗି ନାରାଜ। ଏଥିରେ ଶିବକୁମାର ଅସନ୍ତୁଷ୍ଟ ହୋଇ ଏକପ୍ରକାର ବିଦ୍ରୋହ ଘୋଷଣା କରିଛନ୍ତି। ନିକଟରେ ସେ ପିସିସି ସଭାପତି ପଦ ଛାଡ଼ିବାକୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ତାଙ୍କ ପଛରେ ରାଜ୍ୟର ସଂଖ୍ୟାଧିକ କଂଗ୍ରେସ ବିଧାୟକଙ୍କଙ୍କ ସମର୍ଥନ ରହିଛି। ଅନ୍ୟ ପକ୍ଷରେ ସିଦ୍ଧରାମେୟା ମଧ୍ୟ ଛାଡ଼ିବା ଜନ୍ତୁ ନୁହଁନ୍ତି। ସେ କହିଛନ୍ତି ଯେ, ଯେ ପର୍ଯ୍;ୟନ୍ତ କଂଗ୍ରେସ ହାଇକମାଣ୍ଡ ନକହିଛନ୍ତି , ସେ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ନାହିଁ। ଯେଉଁ ଦିନ ରାହୁଲ ଓ ସୋନିଆ ତାଙ୍କୁ କହିବେ ସେହିଦିନ ସେ ତାଙ୍କ ପଦ ଛାଡ଼ିଦେବେ। ତାଙ୍କ ପଛରେ ମଧ୍ୟ ଦଳର ସଂଖ୍ୟାଧିକ ବିଧାୟକ ଅଛନ୍ତି ବୋଲି ସେ ଦାବି କରିଛନ୍ତି। ଏହାକୁ ନେଇ ରାଜ୍ୟ କଂଗ୍ରେସରେ ଏକପ୍ରକାର ଅସ୍ଥିରତା ଏବଂ ଅନିଶ୍ଚିତତା ସୃଷ୍ଟି ହୋଇଛି। କଂଗ୍ରେସ ବିଧାୟକ ଦଳ ଏବେ ଦୁଇଫାଳ। ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ସମସ୍ୟାର ସମାଧାନ ଲାଗି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଉଭୟ ସିଦ୍ଧରାମେୟା ଏବଂ ଶିବକୁମାରଙ୍କୁ ଦିଲ୍ଲୀ ଡାକିଛନ୍ତି। ଉଭୟଙ୍କ ସହ ଆଲୋଚନା ପରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଦଳର ଅନ୍ୟତମ ବରିଷ୍ଠ ନେତା ଇକବାଲ ହୁସେନ ଖାନ କହିଛନ୍ତି ଯେ, ଶିବକୁମାର ମୁଖ୍ୟମନ୍ତ୍ରୀ ହେବା ୨୦୦ ପ୍ରତିଶତ ନିଶ୍ଚିତ। ଆସନ୍ତା ନିର୍ବାଚନରେ କଂଗ୍ରେସ କର୍ଣ୍ଣାଟକରେ ଶିବକୁମାରଙ୍କ ନେତୃତ୍ୱରେ ଲଢ଼ିବ ବୋଲି ସେ କହିଛନ୍ତି। କିନ୍ତୁ କଥାଟା ଏତେ ସହଜ ଏବଂ ସରଳ ବୋଲି କୁହାଯାଇପାରିବ ନାହିଁ। କଂଗ୍ରେସ ହାଇକମାଣ୍ଡଙ୍କ ନୀତି ଯାହା ରାଜ୍ୟରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ହେବ ନାହିଁ। ଅତୀତରେ ରାଜସ୍ଥାନରେ ଅଶୋକ ଗେହଲଟ ଏବଂ ସଚିନ ପାଇଲଟଙ୍କ ମଧ୍ୟରେ ଏଭଳି ବିବାଦ ସୃଷ୍ଟି ହୋଇଥିଲା। କିନ୍ତୁ ଶେଷ ପର୍ଯ୍ୟନ୍ତ ଗେହଲଟ ହିଁ ମୁଖ୍ୟମନ୍ତ୍ରୀ ପଦରେ ରହିଲେ। ସଚିନ ପାଇଲଟଙ୍କୁ ରାଜସ୍ଥାନରେ କଂଗ୍ରେସର ନେତୃତ୍ୱ ନେବାକୁ ଆହୁରି ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ। ଗେହଲଟ ଓ ସଚିନଙ୍କ ମଧ୍ୟରେ ବିବାଦ ଯୋଗୁ ରାଜସ୍ଥାନରେ କଂଗ୍ରେସ ପରାଜିତ ହେଲା ଏବଂ ଦଳ କ୍ଷମତାଚ୍ୟୁତ ହେଲା।

> ପୂର୍ବେ ହରିଜନ ଶ୍ରେଣୀର ଲୋକ ଚୌକିଦାର ଥିଲେ କେହି ଅପରାଧ କରିବା ଖବର ଚୌକିଦାରକୁ ମିଳିଲେ ବା ନିକଟବର୍ତ୍ତୀ ଥାନାରେ ସେ ବ୍ୟକ୍ତି ନାମରେ କେହି ଅଭିଯୋଗ କଲେ ସ୍ଥାନୀୟ ଚୌକିଦାର ଲୋକ ଦ୍ୱାର ମୁହଁରେ ବସି ତାକୁ ଥାନାକୁ ନେଇ ଆସୁଥିଲେ। ବସ ସାଇ ଭାଇ ଜାତିରେ ଏପରି ବ୍ୟକ୍ତି ଓ ତାର ଘର ପରିବାର ଉପରେ ସାମାଜିକ ଅସହଯୋଗ ବାସନ୍ଦ ଲାଗୁଥିଲା। ପରେ ଜାତି ହେବା ପ୍ରାୟଶ୍ଚିତ ଓ ହେବା ପୁଣି ସ୍ୱାଭାବିକ ସ୍ତରରେ ସେ ପରିବାରରେ ଆସୁଥିଲା। ଏବେ ପୋଲିସ ବ୍ୟବସ୍ଥା ବଦଳିଛି। ଅପରାଧି ଏବେ ନିଜକୁ କେବେ ଭୁଲ କାମ ଅସାମାଜିକ ଭାବୁ ନାହାଁନ୍ତି। ତାଙ୍କୁ ବି କେହି ବାସନ୍ଦ କରିବା ସମ୍ଭବ ଏବେନାହିଁ। ପେଟ ପୁରିଲେ ନାଟ ଶେଷ। ଖାଦ୍ୟ ପାନୀୟ ବସ୍ତ୍ର ଅଭାବ ମେଣ୍ଟଣ ହେଲେ କେହି ଚୋରୀ ତସ୍କରୀ କରିବା ସମ୍ଭବ ନୁହେଁ। ଏ ସମୟରେ ଅନେକ ସୁଯୋଗ ପାଉଥିଲା ବେଳେ ଅନେକ ଅବହେଳିତ। ପାଠପଢ଼ି ଅନେକ ବେକାର।

# ପକେଟମାରୁକୁ ସାବଧାନ

।। ଅଜୟ କୁମାର ବେହେରା ।।

ଜନଗହଳି ଲାଗିଥିବା ସ୍ଥାନ, ଯଥା ରଥଯାତ୍ରା, ମକରମେଳା, ହାଟ, ବାଲିଯାତ୍ରା, ସଦୃଶ ସାମୟିକ ଭିଡ଼ ତଥା ରେଲଷ୍ଟେସନ ବସଷ୍ଟାଣ୍ଡ ଆଦି ସବୁ ଦିନଆ ଭିଡ଼ ସ୍ଥାନରେ ଅନେକ ସ୍ଥଳରେ କାନ୍ଥବାଡ଼ରେ ଏପରି ଧାଡ଼ିଏ ସାଇନବୋର୍ନ ଲେଖାଯିବା ଦେଖାଯାଏ ପୁଣି ଯାତ୍ରା କର୍ତ୍ତୃପକ୍ଷ ବା କେହି ସଂସ୍ଥା ଡାକବାଜୀ ଯନ୍ତ୍ରରେ ମଧ୍ୟରେ ମଧ୍ୟରେ ଏପରି ଧାଡ଼ିଟିକୁ ବାରମ୍ବାର ପ୍ରଚାର କରୁଥାନ୍ତି। ଯେଉଁମାନେ କିଛି କଣିବାକୁ ଅର୍ଥ ଧରି ଆସିଥିଲେ ସେମାନେ ଗୁପ୍ତ ଭାବରେ ପକେଟରେ ଅଣ୍ଟାରେ ଭାନିଟ ବ୍ୟାଗରେ ମନି ବ୍ୟାଗରେ ରଖିଥିଲେ ଏଇ ଧାଡ଼ଟି ପଢ଼ିବା ପୁଣି ଠିକ ଧନ ରଖିବା ସ୍ଥାନକୁ ଲୋକେ ସାଥି ସାଥି ଖୋଜ କରି ସାବଧାନ ହୋଇଥାନ୍ତି। ମାତ୍ର ଚୋର ଜଣକ ପୋଷାଦାର ହୋଇ ପର୍ଯ୍ୟବେକ୍ଷଣ ଯଦି ଏପରି କେତେ ଲୋକଙ୍କୁ ଦେଖି ନିଅନ୍ତି। ସେମାନେ ବ୍ୟକ୍ତିର ଅଙ୍ଗସଞ୍ଚାଳନ ହାତର ସ୍ୱର୍ଶ ସ୍ଥାନ ଜାଣି ସେଠାରୁ କିଛି ଧନ ହରଣ କରାଯାଇପାରିବ ଏହାର ଯାଜନା ତତ୍କାଳ ଆରମ୍ଭ କରି ତାର ପିଛା କରନ୍ତି ଓ ଉଦ୍ଦିଷ୍ଟ ସ୍ଥାନରୁ ଧନ ଅପହରଣ ବା ଲୁଟି ନିଅନ୍ତି। କେହି ଉପଦେଶ ଦେବା ଭୁଲ ନୁହଁ ମାତ୍ର ଯେ ଅର୍ତି ନେଇ ଆସିଛନ୍ତି ତାଙ୍କର ପ୍ରଚାର ପୂର୍ବ ଅବସ୍ଥା ପର ଅବସ୍ଥାରେରେ ଅନେକ ହଠାତ ପରିବର୍ତ୍ତନ ଏପରି ଠକେଇର ଶିକାରକୁ ଖୋରାକ ଯୋଗାଇଥାଏ। ପକେଟମାରମାନେ ଏକ ପ୍ରକାର ମନସ୍ତାତ୍ୱିବିତ। ଏମାନେ ଏଇ ବିଦ୍ୟାକୁ ଭଲ ମାର୍ଗରେ ଲଗାଇଥିଲେ ବହୁ ଲୋକ ପ୍ରିୟ ବା ପୂଣ୍ୟାର୍ଜନ କର୍ମ କରିପାରନ୍ତେ ମାତ୍ର ଯାହା ପାପ ଓ ଭୁଲ ମାର୍ଗ ସେ ମାର୍ଗରେ ସେମାନେ ଯାଇ ତାଙ୍କର ରୋଜିରୋଟି ସଂଗ୍ରହ କରନ୍ତି। ସଂସାରରେ ଯେତେ ପୋଲିସ ବଢୁଛନ୍ତି ସେତେ ଅପରାଧ ବି ବଢୁଛନ୍ତି। ଚୋରୀ ପକେଟ ମାରୁ ଅପରାଧୀମାନେ ବେଳକୁ ବେଳ ନିର୍ଭୀକ ନିଧଡ଼କ ହୋଇ ତାଙ୍କ କାମ କରିବାରେ ବ୍ୟସ୍ତ। ଏସବୁର ନିରାକରଣ ଜଡ଼ ବର୍ତ୍ତମାନ ଅର୍ଥବ। ଶିକ୍ଷାର କୁମ୍ଭାରଶାଳ ହେଉଛି ପ୍ରାଥମିକ ବିଦ୍ୟାଳୟ ଏଠାରେ ପୂର୍ବେ ଶିକ୍ଷକମାନେ ଭବିଷ୍ୟତର ଅପାରାଧି ନହେବା ପାଇଁ ତାଙ୍କ ଛାତ୍ରଛାତ୍ରୀଙ୍କୁ ଦୁଷ୍କାମୀ ଅମନଯୋଗୀରୁ ନିବୃତ୍ତି ପାଇଁ କିଛି ଭୟ ପ୍ରଦର୍ଶନ ଛାଟ ବେତ ଭୟ ଶାରୀରିକ ଦଣ୍ଡ କାନ ଧରି ବସଉଠ କରାଇବା ଆଣ୍ଠେଇବା ଶ୍ରେଣୀରେ ଅନ୍ୟ ଛାତ୍ରଙ୍କ ଆଗରେ ଅପମାନ ସୂଚକ କଥା କହି ବା ବେଞ୍ଚରେ ଠିଆ କରାଇବା ଆଦି କରାଉଥିଲେ। ଶ୍ରେଣୀରେ ପାଠ ପଢ଼ାରେ ହେଳା କରୁଥିଲେ ଏପରି ଗୁରୁ ଲଘୁ ଦଣ୍ଡ ବିଧାନ ମାନ ଲଗାଇ ପିଲାକୁ ବାଟକୁ ଆଣୁଥିଲେ। ପିଲାର ମୂରବୀଜନ ବାପା ମାଆ ଶିକ୍ଷକଙ୍କର ଏପରି ଦଣ୍ଡବିଧାନକୁ ବିରୁଦ୍ଧ କରୁନଥିଲେ। ସେମାନେ ବରଂ ଶିକ୍ଷକଙ୍କୁ ପିଲାକୁ ମଣିଷ କରିବାକୁ ଯାହା କରିବାକଥା କରନ୍ତୁ। ଏପରି କହୁଥିଲେ। କିନ୍ତୁ ସମୟ ଆସିଲା ମୂରବୀମାନେ ପିଲାଙ୍କୁ ମୁହଁ ବଢ଼ାଇଲେ। ଶିକ୍ଷକମାନେ ଚାକିରୀ ଭୟ ଆକ୍ରୋଶରେ ପଡ଼ିବା ସହିତ ମିଥ୍ୟାରୋପରୁ ନିଜେ ରକ୍ଷା ପାଇଁ କେବଳ ସ୍ୱ ଡିଉଟି ବତ୍ରୀ ରହି ଦରମା ହାସଲ ପାଇଁ କାମ କରିବାରେ ଲିପ୍ତ।

ବିଦ୍ୟାଳୟରେ ଏକ ଧାନିର କେଇଟି ନାଲି ଅକ୍ଷର ସାର୍ଟିଫିକେଟ ପ୍ରମାଣ ପତ୍ର ଶିରୋନାମାରେ ଡାହାଣ ପଟରେ ଚରିତ୍ର ପାଖରେ ଉତ୍ତମ ଏ ତିନି ଅକ୍ଷର ଲେଖି ଦେଇ ପିଲାର ଭବିଷ୍ୟତକୁ ଉଚ୍ଚଶିକ୍ଷା ଚାକିରୀ ବାଣିଜିକ ରଣ ପାଇଁ କିଛି ବ୍ୟବସ୍ଥା କରିଛନ୍ତି। ପ୍ରକୃତରେ କଣ ଶିକ୍ଷକଙ୍କ ପ୍ରତି ଅଶୋଭନୀୟ ଆଚରଣ ଦୁଷ୍କାମୀ ବିଦ୍ୟାରେ କପି, କପଟ ଆଚରଣ ଏଥିରେ ନିବାରଣ ହୋଇଛି କି ? ଏଇ ପକେଟମାରୁ ଚୋରୀ ବିଦ୍ୟା ସେହି ବିଦ୍ୟାଳୟ ପଠନ କାଳୀନ ଅବେଉଷଣିଆ ଶିକ୍ଷା ଲାଭର ସାର୍ଟିଫିକେଟ ଶିକ୍ଷା ସମାପ୍ତିର ଗହନ କଥାର ସମୟ। ପୋଲିସ ହାତରେ ମୋଟା ଠେଙ୍ଗା ସେ ପୁଣି ମୋଟା ବେତ। ଶିକ୍ଷକଙ୍କ ହାତରେ ଥିଲା ସରୁବେତ। ସରୁବେତ ମାଡ଼ରୁ ଖସି ପୋଲିସର ମୋଟା ଠେଙ୍ଗା କଥାକୁ ବିଦ୍ୟାଳୟ ଶେଷ ପରେ ଆସିବା ଦେଖାଯାଉଛି ପୁଣି ପୂର୍ବେ ପିଲାଟି ବିଦ୍ୟାଳୟରୁ ପାଠ ନପଢ଼ି ଖସି ପଳାଇଲେ ଘରୁ ଆସି ବିଦ୍ୟାଳୟରେ ନପହଞ୍ଚିବା ବା ରାସ୍ତା ଖେଳିବୁଲି ବିଳମ୍ବରେ କ୍ଲାସ ଶେଷରେ ପହଞ୍ଚିବା ବା ବିଦ୍ୟାଳୟର କାର୍ଯ୍ୟ ସମୟର ନସାରି ଘରକୁ ପଳାଇଲେ ଏକ ଅର୍ଥଦଣ୍ଡ ଜୋରିମାନା ଦରମାରେ ଆଦାୟ ହେଉଥିଲା ଯାହା ତାର ଗୁରୁଜନଙ୍କୁ ବହନ କରିବାକୁ ପଡୁଥିଲା। ଏତଦ୍ୱାରା ଗୁରୁଜନମାନେ ସେ ପିଲାଟିକୁ ଅନେକ ଭର୍ତ୍ସନା ବି ଗୃହରେ କରୁଥିଲେ। ବର୍ତ୍ତମାନ ଅପରାଧି ପାଇଁ ତାର ଘରର ଲୋକେ ଅର୍ଥଦଣ୍ଡ ଦେଉଛନ୍ତି। ହାତଗୁଞ୍ଜା ଦେଇ କେମିତି ଅପରାଧିଟି ପାଇଁ ନରମ କୋର୍ଡ଼ ଲଗାଇବାକୁ କାକୁତିମିନତୀ ହେଉଛନ୍ତି। ପୂର୍ବେ ବିଦ୍ୟାଳୟ ଶିକ୍ଷା ପରେ ଗୃହରେ କୌଳିକ ବୃତ୍ତିର ଶିକ୍ଷା ଅନେକଙ୍କ ଘରେ ହେଉଥିଲା। ଶୀଘ୍ର ଅଳ୍ପ ବୟସରେ ବିବାହାଦି ସାରି ଦିଆଯାଉଥିଲା। ଏଥିରେ ବିଭିନ୍ନ ଅପରାଧ ନିବାରଣ ସହଜରେ ଚାପି ହୋଇ ରହୁଥିଲା। ହାତରେ କାମ ରହିଲେ ଅପରାଧକୁ ସମୟ ମିଳୁନଥିଲା। ଯାହା ଏବେ ଅପରାଧକୁ ଖୋରାକ ଯାଗାଉଛି। ମମତା ଏକ ବିରାଟ ବନ୍ଧନ ବେଡ଼ି ଦଉଡି ନଥିବା ବନ୍ଧନ ହେଉଛି ମମତା ପିଲାଙ୍କୁ ଅତିସ୍ନେହ କରିବା। ପିଲାକୁ ସ୍ୱାସାଥିରେ ବସାଇ ଭୋଜନ କରାଇବା ମାଆଙ୍କ ହାତରନ୍ଧା ନିତ୍ୟ ଭୋଜନ ଖାଇବା ଘରେ ବର୍ଷଯାକ ପିଠାପଣା ପ୍ରସ୍ତୁତ କରି ଭୋଜନ କରାଇବା, ସାମାଜିକ ସ୍ତରରେ ବନ୍ଧୁବାନ୍ଧବ ବିବାହ ବ୍ରତ ଜନ୍ମଦିନ ଆଦିରେ ଦାୟିତ୍ୱ କିଛି ନିଭାଇବା ତହିଁରେ ପ୍ରସ୍ତୁତ ମୂଲ୍ୟବାନ ରୁଚିକର ଖାଦ୍ୟ ପାନୀୟ ଖାଇବା ଦ୍ୱାରା ସାମାଜିକ ସ୍ଥିତି ପ୍ରଗାଢ଼କୁ ବନ୍ଧୁ ବାନ୍ଧବ ମେଳି ସମ୍ପର୍କ ରହିବା ଠିକ ଥିଲା। ଏ ସମୟରେ ମାମୁଁ ମଉସା ପିଉସା ମାଉସୀ ପିଇସ ଏପରି ସମ୍ପର୍କ ଅନେକ ପ୍ରକାର ବାଧାପ୍ରଦ ସୂର୍ଯ୍ୟବନ୍ଧୁ ଅନେକ ଅନେକ ସ୍ୱ ଜାତିରେ ବିବାହକୁ ହେୟଜ୍ଞାନ କଲେଣି। ଏପରି ବିବହରେ ଅନେକ ଭୋଜି ଖାଇବାକୁ ଯାଇ ଏକ ଦୁର୍ବଳ ଅନୁଭୂତି ଭୁଲ କାମକୁ ପ୍ରଶୟ ଦେବା ଦେଖୁଛନ୍ତି ମିଛ କଥାରେ ରୋଜଗାର ଜାଲିଆତିରେ ରୋଜଗାରରେ ଗାଡ଼ିବାଡ଼ି ବ୍ୟବହାର କ୍ରୟ ଚାଲୁଛି। ଲୋକେ ଏପରି ହେବାକୁ ଆଉ ଅପରାଧି ଭାବୁ ନାହାଁନ୍ତି। ପୂର୍ବେ ଜେଲଖାନା ଗଲେ ଘରକୁ ଆସିଲେ ଜାତିରେ ଅଟିକ ସାମାଜିକ ବାଛନ୍ଦ ହେଉଥିଲେ ଜାତି ହେଉଥିଲେ ଶରୀର ଶୁଦ୍ଧି ପାଇଁ କାୟଶୁଦ୍ଧି କରୁଥିଲେ। ଏପାଇଁ ବିପ୍ରଭୋଜନ ଜ୍ଞାତି ଭୋଜନପରି ଅର୍ଥ ଶ୍ରାଦ୍ଧ ଧନ୍ଦା ଥିଲେ। ଏବେ ଅପରାଧ କରି ଜେଲ ଯାଇ ଜାମିନ ପ୍ୟାରେଲ ବା ଛାଡ଼ପାଇ ଆସିବା ଦିନ ସାଥି ବନ୍ଧୁ ଫୁଲମାଳ ଦେଇ ଜେଲରୁ ପାଛୋଟି ଆଣୁଛନ୍ତି। ଏଥିରେ କେମିତି ଅପରାଧ ନିବାରଣ ହେବ ?

ପୂର୍ବେ ହରିଜନ ଶ୍ରେଣୀର ଲୋକ ଚୌକିଦାର ଥିଲେ କେହି ଅପରାଧ କରିବା ଖବର ଚୌକିଦାରକୁ ମିଳିଲେ ବା ନିକଟବର୍ତ୍ତୀ ଥାନାରେ ସେ ବ୍ୟକ୍ତି ନାମରେ କେହି ଅଭିଯୋଗ କଲେ ସ୍ଥାନୀୟ ଚୌକିଦାର ଲୋକ ଦ୍ୱାର ମୁହଁରେ ବସି ତାକୁ ଥାନାକୁ ନେଇ ଆସୁଥିଲେ। ବସ ସାଇ ଭାଇ ଜାତିରେ ଏପରି ବ୍ୟକ୍ତି ଓ ତାର ଘର ପରିବାର ଉପରେ ସାମାଜିକ ଅସହଯୋଗ ବାସନ୍ଦ ଲାଗୁଥିଲା। ପରେ ଜାତି ହେବା ପ୍ରାୟଶ୍ଚିତ ଓ ହେବା ପୁଣି ସ୍ୱାଭାବିକ ସ୍ତରରେ ସେ ପରିବାରରେ ଆସୁଥିଲା। ଏବେ ପୋଲିସ ବ୍ୟବସ୍ଥା ବଦଳିଛି। ଅପରାଧି ଏବେ ନିଜକୁ କେବେ ଭୁଲ କାମ ଅସାମାଜିକ ଭାବୁ ନାହାଁନ୍ତି। ତାଙ୍କୁ ବି କେହି ବାସନ୍ଦ କରିବା ସମ୍ଭବ ଏବେନାହିଁ। ପେଟ ପୁରିଲେ ନାଟ ଶେଷ। ଖାନ୍ୟ ପାନୀୟ ବସ୍ତ୍ର ଅଭାବ ମେଣ୍ଟଣ ହେଲେ କେହି ଚୋରୀ ତସ୍କରୀ କରିବା ସମ୍ଭବ ନୁହେଁ। ଏ ସମୟରେ ଅନେକ ସୁଯୋଗ ପାଉଥିଲା ବେଳେ ଅନେକ ଅବହେଳିତ। ପାଠପଢ଼ି ଅନେକ ବେକାର। ସମ ବୟସ୍କ ବ୍ୟକ୍ତି ବହୁ ଥାଟବାଟରେ ପିତାମାତା ରୋଜଗାର କଳା ଟଙ୍କାରେ ଅୟସ କରୁଛନ୍ତି। ଅନେକ ଦେଖି ଦେଖି କୁମାର୍ଗକୁ ଯିବାକୁ ଉପାୟ ବାଛୁଛନ୍ତି। ପୂର୍ବେ ଲୋକେ ପେଟ ଭରି କେମିତି ଖାଦ୍ୟ ଖାଇବେ କୁମାରୀ ଝିଅଙ୍କ କେମିତି ବିବାହ ହେବ। ବ୍ରାହ୍ମଣ ଗରିବ ପିଲା କେମିତି ଉପନୟନ ହେବ, ପ୍ରତି ଗ୍ରାମ ସାହିରେ ବାରମ୍ବାର ଜନ୍ମଦିନ ପର୍ବ ବିବାହ ବ୍ରତରେ ଭୋଜି ଭାତର ବ୍ୟବସ୍ଥା କରାଯାଉଥିଲା। ଏବେ ଏହା କାହାରି ଘରେ ହେଉନାହିଁ। କଲ୍ୟାଣ ମଣ୍ଡପ ହୋଟେଲରେ ହେଉଛି କାହାରି ପେଡ଼ାଶୀ ଜାତି ସହଯୋଗ ଦରକାର ପଡୁନାହିଁ ଫଳରେ ସୂର୍ଯ୍ୟବନ୍ଧୁମାନେ ଭୋଜି ଭାତକୁ ଦେୟ ଭୋଜିରେ ଯୋଗ ଦେଉଛନ୍ତି ମୂଳ ଘରର ଦାରିଦ୍ର୍ୟ ଖଣ୍ଡନ ଏଥିରେ କରାଯାଉନାହିଁ।

ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇ ଏଇ ବେକାରୀ ହଟାଇବା ଉପାୟ କରିପାରିଲେ ଅନେକ ଅପରାଧ କମିବାକୁ ଆରମ୍ଭ କରିବ ଓ ଶିକ୍ଷାକୁ କଡ଼ାକଡ଼ି ନିୟମ ରକ୍ଷିମାର୍ଗର ଶିକ୍ଷା କରାଇବାକୁ ପଡ଼ିବ। ଆବାସିକ ଶିକ୍ଷା ଏଥିରେ ଗୋଟିଏ ଭଲ ଉପାୟ। ଯହିଁରେ ପିଲାମାନେ ମୂଳରୁ ନିଜ କାମ ନିଜେ କରିବା ଶିକ୍ଷା କରିବେ ଓ ଧନ୍ଦାମୂଳକ ଶିକ୍ଷା ଲାଭ କରିପାରିବେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ନିଖୋଜ ହେଉଛି ଋତୁ

।। ବାଦଲ ଭୂୟାଁ ।।

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ

ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି। ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି। ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

ପୁରୁଣା ସୋନାରୀ,
ଜାମସେଦପୁର, ଦୂରଭାଷ :
୭୪୮୮୯୯୮୫୩୨,

# ନିଶାମୁକ୍ତ ସମାଜ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମୁଣ୍ଡ ଉପରେ ନିର୍ବାଚନ। ନିର୍ବାଚନ ବେଳେ ସବୁ ରାଜନୈତିକ ଦଳ ନିର୍ବାଚନ ଇସ୍ତାହାରରେ ନାନା ପ୍ରତିଶ୍ରୁତି ଦିଅନ୍ତି ଅର୍ଥାତ୍ ସେମାନଙ୍କ ଦଳ ଶାସନକୁ ଆସିଲେ ଲୋକମାନଙ୍କ ପାଇଁ କ'ଣ କ'ଣ ସବୁ କରିବେ ସେ ନେଇ ଇସ୍ତାହାରରେ ଘୋଷଣାନାମା ଜାରି କରିଥାନ୍ତି। ଭାରତର ପ୍ରଧାନମନ୍ତ୍ରୀ କହିଛନ୍ତି ପୁରା ଭାରତ ମୋ ପରିବାର। ଇଆଡ଼େ ଓଡ଼ିଶାର ମୁଖ୍ୟମନ୍ତ୍ରୀ କହିଛନ୍ତି ସାଢ଼େ ଚାରିକୋଟି ଓଡ଼ିଶାବାସୀ ମୋ ପରିବାରର। ସବୁଠାରୁ ବଡ଼ କଥା ହେଉଛି ଦେଶବାସୀ ବା ରାଜ୍ୟ ବାସୀଙ୍କୁ ନିଜ ପରିବାର ବୋଲି କହିବା ଏକ ଛୋଟିଆ କଥା ନୁହେଁ କାରଣ ଏସବୁ ଭିତରେ ଜଣଙ୍କର ନିଜ ପରିବାର ଲୋକମାନଙ୍କ ପାଇଁ କେତେ ଯେ ଗୁରୁଦାୟିତ୍ୱ ରହିଛି ତାହା ଚିନ୍ତା କରିବାର ଦରକାର। ଆଜିର ସମୟକୁ ଟିକିଏ ନିରିଖେଇ ଦେଖିଲେ ଜଣାପଡ଼େ ସମାଜରେ ଅନେକ ଦୁଃଖଦ ଓ ସାମାଜିକ ବିଭ୍ରାଟର ମୂଳ କାରଣ ହେଉଛି ନିଶାସେବନ ବା ମଦ୍ୟପାନ ଯାହାକି ଘର ସଂସାର ଠାରୁ ନିଜ କର୍ମକ୍ଷେତ୍ର, ଦୁର୍ଘଟଣାରୁ ଠାରୁ ସଂସାର ଉଜାଡ଼ି ଦେଇଥାଏ ଏହି ଦୁଃଖଦ ବଦଗୁଣଟି। ତେବେ ଏସବୁକୁ ଆମ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଜାଣିଛନ୍ତି। ତେବେ ବାସ୍ତବ କଥା ହେଉଛି ଯଦିଓ ଅନେକ ଯୁକ୍ତି କରନ୍ତି ମଦବିକ୍ରିରୁ ସରକାର ଅପର୍ଯ୍ୟାପ୍ତ ରାଜସ୍ୱ ପାଇଥାନ୍ତି ଯାହାକି ଲୋକମାନଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଥାଏ କିନ୍ତୁ ଏହା କେତେ ଯେ ଘାତକ କ୍ଷତି କରିଥାଏ ତାହା ଅନେକ ଜାଣିନଥିବେ। ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ନିର୍ବାଚନ ଇସ୍ତାହାରରେ ନିଶାମୁକ୍ତ ସମାଜ ବା ମଦମୁକ୍ତ ସମାଜ ଗଢ଼ିବା ପାଇଁ ପ୍ରୟାସ କ'ଣ ପାଇଁ ହେଉନାହିଁ ?

ରାଜନୈତିକ ଦଳମାନେ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ମଦମୁକ୍ତ ଦେଶ ବା ମଦମୁକ୍ତ ରାଜ୍ୟ ଗଠନର ପ୍ରତିବଦ୍ଧତା ତ କାହିଁ ନଜରରେ ପଡୁନି ? ମଦରୁ ରାଜସ୍ୱ ଆସୁଛି ବୋଲି ଯେ ଏହାକୁ ଖାଇ ଲୋକେ ଅସୁସ୍ଥ ହୁଅନ୍ତୁ, ନିଶାଗ୍ରସ୍ତ ହୁଅନ୍ତୁ, ଦୁର୍ଘଟଣାଗ୍ରସ୍ତ ହୁଅନ୍ତୁ ଏବଂ ଅପରାଧୀ ହୁଅନ୍ତୁ କିନ୍ତୁ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇପାରିବ ନାହିଁ। ଜନପ୍ରତିନିଧିମାନେ ସମଗ୍ର ଦେଶକୁ ଏବଂ ଦେଶବାସୀଙ୍କୁ ନିଜ ପରିବାର ବୋଲି କହିବାରେ ଏତେ ଛଳନା ରହିଛି ତାହା ବେଶ ଅନୁମାନ କରିହୁଏ। ସମଗ୍ର ଦେଶ ବା ରାଜ୍ୟକୁ ନିଜ ପରିବାର ବୋଲି ଭାବୁଥିବା ମୁଖିଆଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ପରିବାର ଲୋକମାନଙ୍କ ପାଇଁ ମଦ କିଭଳି ସହଜଲଭ୍ୟ ନହେଉ।

ସମଗ୍ର ଦେଶରେ ମଦ ବିକ୍ରି ଉପରେ ରୋକ ନ ଲାଗିଲେ ମଧ୍ୟ ରାଜ୍ୟ ଚାହିଁଲେ ନିଜ ରାଜ୍ୟରେ ଏହାକୁ ବାରଣ କରିପାରିବେ। କିନ୍ତୁ ଲୋକେ କାଳେ ନକଲି ବିଷାକ୍ତ ମଦ ପିଇ ଅସୁସ୍ଥ ହେବେ ଏଇ ନ୍ୟାୟରେ ଅସଲି ମଦ ଲୋକଙ୍କୁ ଯୋଗାଇ ଦେବା ଯେ କେତେ ଆଦର୍ଶଗତ ନିଷ୍ପତ୍ତି ଏକଥା ଯେକେହି କହିବେ। କଂଗ୍ରେସ ତାର ନିର୍ବାଚନ ଇସ୍ତାହାର ବା ଗ୍ୟାରେଣ୍ଟିରେ ଯେଉଁସବୁ ଘୋଷଣା କରିଛି ତା ଭିତରେ ରହିଛି ମଦମୁକ୍ତ ଗାଁକୁ ପୁରସ୍କାର। କିନ୍ତୁ ଯଦି ଥାଆନ୍ତା ମଦକୁ ସମ୍ପୂର୍ଣ୍ଣ ନିଷେଧ କରାଯିବାର ଘୋଷଣା ତାହେଲେ ସେମାନେ ଅନ୍ୟ ଦଳମାନଙ୍କ ଠାରୁ ଲୋକଙ୍କ ପାଇଁ ଯେ ଅଧିକ ଦରଦୀ ଏକଥା ବୁଝା ପଡ଼ନ୍ତା। ତଥାପି ନିଶାମୁକ୍ତ ଗାଁକୁ ପୁରସ୍କାର ମଧ୍ୟ ଏକ ଉତ୍ତମ ଘୋଷଣା।

ନିର୍ବାଚନ ସମୟରେ ମଦର ବନ୍ୟା ସହରଠୁ ଗାଁ ସବୁଆଡ଼େ ଜୋରଦାର ଦେଖାଦେଇଥାଏ। ଯୁବଗୋଷ୍ଠୀ ଓ ତଥାକଥିତ କୁଜି ନେତାମାନେ ଏହାକୁ ବଡ଼ ଅସ୍ତ୍ର କରିଥାନ୍ତି ଭୋଟ ଯୋଗାଡ଼ ପାଇଁ। ସାଧାରଣତଃ ଏହି ସମୟରେ ହିଁ ଅନେକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୁଏ ତେଣୁ ନିର୍ବାଚନରେ ମଦର ବଡ଼ ଭୂମିକା ରହୁଥିବାରୁ ମଦମୁକ୍ତ ଭାରତ, ମୁକ୍ତମୁକ୍ତ ଓଡ଼ିଶା ବା ମଦମୁକ୍ତ ସମାଜ ତିଆରି ପାଇଁ ଏବଂ ଏହାକୁ ନିର୍ବାଚନ ଇସ୍ତାହାରରେ ରଖାଯାଉ। ସମସ୍ତ ଦଳ ଯଦି ନିର୍ବାଚନ ଇସ୍ତାହାରରେ ଏହି ପ୍ରସଙ୍ଗଟିକୁ ଗୁରୁତ୍ୱ ଦିଅନ୍ତେ ତାହାହେଲେ ଏ ସମାଜର ପ୍ରଭୁତ ମଙ୍ଗଳ ସାଧନ ହୋଇପାରିବ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ସୋମବାର, ୦୧ ଡିସେମ୍ବର, ୨୦୨୫




## ବ୍ଲକ ଅଧକ୍ଷଙ୍କ ବିରୁଦ୍ଧରେ ସେନା କର୍ମୀଙ୍କ ଅଭିଯୋଗ, ଭିତ୍ତିହୀନ କହିଲେ ଅଧକ୍ଷ

କାକଟପୁର, (ମହାଭାରତ) : କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଙ୍କ ଭାରତୀୟ ତିନି ସେନା ମାନଙ୍କୁ କୁକୁର କହିବା ପ୍ରସଙ୍ଗ, ସୂଚନା ମୁତାବକ କିଛି ଦିନ ତଳେ



କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ କୌଣସି ପରିସ୍ଥିତି ରେ କାହାକୁ କିଛି କଥା ବାର୍ତ୍ତା ମାଧ୍ୟମ ରେ ଭାରତୀୟ ସ୍ଥଳ ସେନା, ନୌ ସେନା, ବାୟୁ ସେନା ଅଧିକାରୀ ଓ ସୈନିକ ମାନଙ୍କୁ କୁକୁର ବା କୁତ୍ତା କହିବା କଥା କିଛି ଭଏସ ରେକର୍ଡ ଓଡିଶା ଭେଟେରିଆନସ କ୍ଲବ ଗ୍ରୁପ ର କିଛି ସଦସ୍ୟ ଙ୍କ ହସ୍ତଗତ ହୋଇଥିଲା, ଯାହାକୁ ନେଇକି ପ୍ରତ୍ୟେକ ଅବସର ପ୍ରାପ୍ତ ଓ କାର୍ଯ୍ୟରତ ସେନା କର୍ମୀ ଙ୍କୁ ଆଘାତ ଦେଲାଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା,ଏହି ବାବଦରେ କିଛି ସେନା କର୍ମୀ ସାମାଜିକ ଗଣମାଧ୍ୟମ ରେ ନିଜ ର ପ୍ରତିକିୟା ରଖିବା ସହ ଏହା ପ୍ରତି ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରିଛନ୍ତି, ଯେଉଁମାନେ ରାତ୍ର ଦିନ ଏକ କରି ବର୍ଡ଼ର ରେ ନିଜ ଜୀବନ କୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି, ଯାହାଙ୍କ ପାଇଁ ଆମେ ସୁରକ୍ଷିତ ଭାବେ ରାତିରେ ଶୋଇ ପାରୁଛେ, ଏହି ସେନା କର୍ମୀ ମାନେ ନିଜ ନିଜ ପରିବାର ଠୁ ବର୍ଷ ବର୍ଷ ଅଲଗା ହେଇ ରହି ଆମ ସୁରକ୍ଷା ପାଇଁ ସଦା ତତପର ଏହିମାନଙ୍କୁ ବ୍ଲକ ଅଧକ୍ଷ ଙ୍କ ଏଭଳି ମନ୍ତବ୍ୟ ସମ୍ପୂର୍ଣ୍ଣ ଦୁଃଖ ଦେଇଛି ବୋଲି ସାମାଜିକ ଗଣମାଧ୍ୟମ ରେ ଘୁରି ବୁଲୁଛି, ଯାହାକୁ ନେଇକି ଓଡିଶା ଭେଟେରିଆନ କ୍ଲବ ତରଫରୁ ରାଜ୍ୟ ସରକାର ଙ୍କୁ ଅଭିଯୋଗ ହୋଇଥବା ସୂଚନା ରହିଥିବା ବେଳେ ସରକାର ବର୍ତ୍ତମାନ ଓଡିଶା ପୋଲିସ ମହାନିର୍ଦ୍ଦେଶକ ଙ୍କୁ ଏହି ଘଟଣା ରେ୍ବିଧିବଧ ତଦନ୍ତ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି, ଏହି ପ୍ରସଙ୍ଗ ରେ କାକଟପୁର ବ୍ଲକ ଅଧକ୍ଷ କହିଛନ୍ତି ଯେ ଦେଶ ରେ ସମସ୍ତ ଯବାନ ମାନଙ୍କୁ ମୁଁ ସମାନ ଦିଏ କିନ୍ତୁ ମୋର ବ୍ୟକ୍ତିଗତ ପାରିବାରିକ ଶତ୍ରୁତା କୁ ନେଇ ମୁଁ ନିଜର ଜଣେ ବ୍ୟକ୍ତି ଙ୍କୁ ବ୍ୟକ୍ତିଗତ ଭାବେ କହିଛି, କିନ୍ତୁ ସେ ମୋ କଥା କୁ ନେଇ ସମସ୍ତ ଯବାନ ଙ୍କୁ କହିବା କଥା ସମ୍ପୂର୍ଣ୍ଣ ଭିତ୍ତିହୀନ, ସରକାର ଙ୍କ ତଦନ୍ତ ନିର୍ଦ୍ଦେଶ କୁ ମୁଁ ସ୍ୱାଗତ କରୁଛି, ବର୍ତ୍ତମାନ ତଦନ୍ତ ପରେ ପ୍ରକୃତ ଘଟଣା କଣ ରହିଛି ତାହା ସାମ୍ନା କୁ ଆସିଲେ ସତ୍ୟାସତ୍ୟ ଜଣାପଡିବ ବୋଲି ବୁଦ୍ଧିଜୀବୀ ମାନେ ଅସ୍ଥାପ୍ରକଟ କରିଛନ୍ତି ।

## ମା' ଶାରଳାଙ୍କ ମନ୍ଦିରରେ ଉନ୍ମୋଚନ ହେଲା ସ୍ୱସ୍ତିକ ସ୍ୱରାଜ ଅଫିସିଆଲର ପ୍ରଥମ ଭଜନ ହେ କଳାଠାକୁର




ପାରାଦୀପ, (ମହାଭାରତ) : ପାରାଦୀପ ବଡ଼ପଡ଼ିଆ ମା ଶାରଳାଙ୍କ ମନ୍ଦିର ରେ ସ୍ୱସ୍ତିକ ସ୍ୱରାଜ ଅଫିସିଆଲ ର ପ୍ରଥମ ଜଗନ୍ନାଥ ଙ୍କ ଭଜନ ହେ କଳାଠାକୁର, ତୁମ ଜଗତ କୁ ତୁମେ ଉଦ୍ଧାର କର । ପ୍ରକୃତି ର ବିପର୍ଯ୍ୟୟ ଓ କରାଳ ରୂପକୁ ନେଇ ପ୍ରସ୍ତୁତ ଏହି ଭଜନ ଟିକୁ ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଏସ ଚନ୍ଦ୍ରକାନ୍ତ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତ ଲେଖିଛନ୍ତି ଜଣାଶୁଣା ଗୀତିକାର ବବୃ ବାହନ ରାଉତ ଏବଂ ଗୀତଟିକୁ ପରିକଳ୍ପନା ର ରୂପ ଦେଇଛନ୍ତି ବିରଜା ପ୍ରସାଦ ତ୍ରିପାଠୀ । କୁନି କଳାକାର ସ୍ୱସ୍ତିକ ସ୍ୱରାଜ ଏହି ଜଗନ୍ନାଥ ଙ୍କ ଭଜନ କୁ ଅତି ଉଚ୍ଚକୋଟୀର ଭାବରେ ଗାଇଛନ୍ତି, ଯାହାକୁ ନେଇ ହେ କଳାଠାକୁର ଭଜନ ଉନ୍ମୋଚନ ଉତ୍ସବ ରେ ଉପସ୍ଥିତ ଅତିଥି ମାନେ ମନ୍ତ୍ରମୁଗ୍ଧ ହୋଇପଡିଥିବା ବେଳେ କୁନି କଣ୍ଠଶିଳ୍ପୀ ସ୍ୱସ୍ତିକ ସ୍ୱରାଜ ଙ୍କ ଉତ୍ତୋରାତ୍ତର ଉନ୍ନତି ପାଇଁ ମା ଶାରଳାଙ୍କ ପୀଠରେ ମନାସିଛନ୍ତି କ୍ଷ ପାରାଦୀପ ଅଭୟଚାନ୍ଦପୁର ଥାନାର ଭାରପ୍ରାପ୍ତ ଅଧିକାରୀ ସମୀର କୁମାର ରାଉତ ଏବଂ ସନ୍ଧ୍ୟାରାଣୀ ରାଉତ ଙ୍କ ସୁପୁତ୍ର ହେଉଛନ୍ତି ସ୍ୱସ୍ତିକ ସ୍ୱରାଜ । ବଣମଲ୍ଲୀ ବାସିଲା ଭଳି ପିଲାଟି ଦିନରୁ ସ୍ୱସ୍ତିକ ସ୍ୱରାଜ ଙ୍କ ସଙ୍ଗୀତ ପ୍ରତି ଦୁର୍ବଳତା ଓ ପ୍ରତ୍ୟେକ ଗୀତ ଶୁଣି ଗାଇବାକୁ ଦେଖି ପୁଅର ଗୀତ ପ୍ରତି ଧ୍ୟାନ ଦେଇଥିଲେ ଶ୍ରୀ ରାଉତ କ୍ଷ ଯାହା ଆଜି ସଫଳ ହୋଇଛି । ଅନେକ ମଞ୍ଚ ରେ ସ୍ୱସ୍ତିକ ଙ୍କ ଚମତ୍କାର ସଙ୍ଗୀତ ପରିବେଷଣ ଦର୍ଶକ ମହଲ ରେ ବେଶ ଆଦୃତ ହୋଇଥିବା ବେଳେ ସୋସିଆଲ ମିଡିଆରେ ମଧ୍ୟ ସ୍ୱସ୍ତିକ ଙ୍କ ଗୀତ କୁ ବହୁ ପ୍ରଶଂସା ମିଳିଛି । ଯାହା ଆଜି ସାକାର ହେବା ସହିତ ସ୍ୱସ୍ତିକ ସ୍ୱରାଜ ଅଫିସିଆଲ ରେ ଏହି କୁନି କଣ୍ଠଶିଳ୍ପୀ ଙ୍କ ଭଜନ ହେ କଳାଠାକୁର ଓଡିଶା ର ଶ୍ରୋତା ମହଲରେ ପ୍ରଶଂସା ସାଉଁଟିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି । ଆଜିର ଏହି ଉନ୍ମୋଚନ ଉତ୍ସବ ରେ ସଙ୍ଗୀତ ନିର୍ଦ୍ଦେଶକ ଏସ ଚନ୍ଦ୍ରକାନ୍ତ, ବିରଜା ପ୍ରସାଦ ତ୍ରିପାଠୀ ଙ୍କ ସହିତ ପାରାଦୀପ ର ଜଣାଶୁଣା ବ୍ୟବସାୟୀ କ୍ଷୀରୋଦ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ବିବେକାନନ୍ଦ ରାଉତ,ରବୀନ୍ଦ୍ର ଜେନା, ପ୍ରଶାନ୍ତ ସ୍ୱାଇଁ, ସନ୍ତୋଷ ଭାରତୀ,ସଂଗ୍ରାମ ରାଉତ ଙ୍କ ସହିତ ପାରାଦୀପ ର ଜଣାଶୁଣା ବ୍ୟବସାୟୀ ଓ ଆଦିଦେବ ଏଣ୍ଟରଟେନମେଣ୍ଟ ର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ ।

## ୨୩ ଗ୍ରାମ ବ୍ରାଉନ ସୁଗାର ଜବତ ସହ ଜଣେ ଗିରଫ

ଅନୁଗୋଳ, (ମହାଭାରତ):ଅନୁଗୋଳ ସହରରେ ବ୍ରାଉନ ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି । ଯୁବଗୋଷ୍ଠୀ କେବଳ ଏହି ମାରାତ୍ମକ ନିଶା ସେବନ କରୁନାହାନ୍ତି, ବରଂ ଏହି ଚୋରା କାରବାରକୁ ଆପଣେଇ ନେଇଛନ୍ତି । ଅବକାରୀ ବିଭାଗର ମୋବାଇଲ୍ ସ୍କ୍ୱାର୍ଡ କୁ ଏକ ସଫଳତା ମିଳିଛି । ସହର ନିକଟ ପ୍ରଗତିନଗର ପଶ୍ଚିମେଶ୍ୱର ଶିବ ମନ୍ଦିର ନିକଟରେ ଚଢ଼ଉ କରି ୨୩ଗ୍ରାମ ବ୍ରାଉନ୍ ? ସୁଗର ଜବତ କରିଛି । ଏଥି ସହିତ ଗ୍ରାହକ ଅପେକ୍ଷାରେ ଥିବା ଜଣେ ଅଭିଯୁକ୍ତକୁ ମଧ୍ୟ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣ ଙ୍କ ହେଲେ କୁମଣ୍ଡ ଗ୍ରାମର କ୍ରିଷ୍ଣା ଗୋଛାୟତ (୧୯) ।ସୂଚନା ଯେ, ଅବକାରୀ ବିଭାଗ ସୂଚନା ଯେ, ଅଭିଯୁକ୍ତ କ୍ରିଷ୍ଣା ବ୍ରାଉନ୍ ? ସୁଗର କାରବାର କରୁଥିବା ଜାଣି ଅବକାରୀ ବିଭାଗ ତା' ଉପରେ ନଜର ରଖିଥିଲା । ପ୍ରଗତିନଗର ପଶ୍ଚିମେଶ୍ୱର ଶିବ ମନ୍ଦିର ନିକଟରେ ଗ୍ରାହକ ଅପେକ୍ଷାରେ ଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା । ଜିଲ୍ଲା ଅବକାରୀ ଅଧିକ୍ଷକ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ୍ ସ୍କ୍ୱାର୍ଡ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିଥିଲା । ତା'ଠାରୁ ପ୍ରାୟ ୨ ଲକ୍ଷ ୩୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହ ଅଭିଯୁକ୍ତ କୁ କୋର୍ଟଚାଲାଣ କରାଯାଇଛି । ଚଢ଼ଉରେ ମୋବାଇଲ୍ ସ୍କ୍ୱାର୍ଡ ଇନ୍ସପେକ୍ଟର ମାନସୀ ସାହୁ, ଏସ୍ଆଇ ଯୋଗେଶ୍ୱର ସାହୁ ଓ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ ।

# କପ୍ତିପଦା ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଭା: ପଞ୍ଚମ ବୈଠକ



ଉଦଳା, (ମହାଭାରତ): କପ୍ତିପଦା ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଂଘର ସଭାପତି ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଉଦଳା ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଂଘର ଆଜୀବନ ସଭ୍ୟ ଭାବେ ପରମେଶ୍ୱର ମିଶ୍ର ଓ ରତିକାନ୍ତ ଦାଶ ଯୋଗଦାନ କରିଥିବାରୁ ସଂଘ ତରଫରୁ ସେମାନଙ୍କୁ ସ୍ୱାଗତ କରାଯାଇଅଛି । ସଂଘର ଆଜୀବନ ବରିଷ୍ଠ ସଦସ୍ୟ ଜୟ ଚନ୍ଦ୍ର ପତ୍ରୀ ଓ ସଂଘର ଆଜୀବନ ସଦସ୍ୟ କୂଳମଣି ଦାଶଙ୍କ ପିତା ଉଦୟ ଦାଶଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ଅମର ଆତ୍ମାର ସଦ୍ ?ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ସଭାରେ ସେମାନଙ୍କର ମହତ କାର୍ଯ୍ୟ ଓ ଗୁଣାବଳୀ ସମ୍ବନ୍ଧରେ ସଭ୍ୟମାନେ ଆଲୋଚନା କରିଅଛନ୍ତି । ଉକ୍ତ ବୈଠକରେ ସଂଘର ପଞ୍ଜିକରଣ ଅନୁଯାୟୀ ନୂତନ କର୍ମକର୍ତ୍ତା ଚୟନ କରାଗଲା । ସଭାପତି ସତ୍ୟବ୍ରତ ମିଶ୍ର, ଉପସଭାପତି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଧାରଣ ସଂପାଦକ ଭାବେ ରଞ୍ଜନ କୁମାର ପ୍ରହରାଜ, ଯୁଗ୍ମ ସମ୍ପାଦକ ସରୋଜ କୁମାର ପଣ୍ଡା, କୋଷାଧକ୍ଷ ରଜତ କୁମାର ମିଶ୍ର, ସହ ସମ୍ପାଦକ, କପ୍ତିପଦା ଅକ୍ଷୟ କୁମାର ମିଶ୍ର, ଉଦଳା ବିଜ୍ଞାପିତ ନିମନ୍ତେ ବିଜୟ କୁମାର ପଣ୍ଡା, ଉଦଳା ବ୍ଲକ୍ ପାଇଁ ମନ୍ମୟ କୁମାର ପ୍ରହରାଜ, ଖୁଣ୍ଟା ଶ୍ରୀକାନ୍ତ ଆଚାର୍ଯ୍ୟ, ଗୋପବନ୍ଧୁ ନଗର ବ୍ଲକ୍ ପାଇଁ କ୍ଷିତିଶ ଚନ୍ଦ୍ର ମିଶ୍ର, ଉପଦେଷ୍ଟା ମଣ୍ଡଳୀ ପାଇଁ ପ୍ରମିଳା ପଣ୍ଡା, ଶ୍ୟାମ ସୁନ୍ଦର ପଣ୍ଡା, ରମାକାନ୍ତ ପାଣିଗ୍ରାହୀ, ଶଶିକାନ୍ତ ମିଶ୍ର, ତ୍ରିଲୋଚନ ରଥ, ବନମାଳୀ ପଣ୍ଡା, ରତିକାନ୍ତ ଦାଶଙ୍କୁ ମନୋନୀତ କରାଗଲା । ଉକ୍ତ ନିର୍ବାଚନକୁ ଡ଼. ଶ୍ୟାମସୁନ୍ଦର ପଣ୍ଡା ପରିଚାଳନା କରିଥିଲେ । ବ୍ରହ୍ମଚାରୀ ଛତିଶ, ତ୍ରିଲୋଚନ ରଥ, ରଜତ କୁମାର ପଣ୍ଡା, କିଶୋର ଚନ୍ଦ୍ରମହାପାତ୍ର, ବଂଶୀଧର ପତ୍ରୀ, ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ କୁମାର ମିଶ୍ର, ହର ନାରାୟଣ ମହାପାତ୍ର, ପ୍ରସନ୍ନ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ପାତ୍ର, ରବିନ୍ଦ୍ରନାଥ ଆଚାର୍ଯ୍ୟ, ଈଶ୍ୱର ଚନ୍ଦ୍ର ମହାପାତ୍ର, ଭାସ୍କର ଚନ୍ଦ୍ର ପଣ୍ଡା, ଧିରେନ୍ଦ୍ର ନାଥ ପଣ୍ଡା, ଚକ୍ରଧର ପଣ୍ଡା, ପ୍ରଭାକର ପଣ୍ଡା, ମନୋରଞ୍ଜନ ନନ୍ଦ, ପ୍ରଶାନ୍ତ କୁମାର ମିଶ୍ର, ଶିରିଶ ଚନ୍ଦ୍ର ମହାପାତ୍ର,, ମନୋରଞ୍ଜନ ପାଠୀ, କାମିନୀକାନ୍ତ ପାଣିଗ୍ରାହୀ, ସର୍ବେଶ୍ୱର ମହାପାତ୍ର, ମନୋରଞ୍ଜନ ମହାପାତ୍ର, ରାଜେଶ କୁମାର ମହାପାତ୍ର, ସତ୍ୟ ରଞ୍ଜନ ପାଣିଗ୍ରାହୀ, ଜ୍ୟୋତି ଶଙ୍କର ଦାଶ, ହରିଶ୍ଚନ୍ଦ୍ର ମିଶ୍ର, ପରମେଶ୍ୱର ମିଶ୍ର, ସୋମନାଥ କର, ସନାତନ ମହାପାତ୍ର, ଗଣେଶ୍ୱ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସଭାକାର୍ଯ୍ୟ ସମାପ୍ତ ପରେ ବନ୍ଧୁ ମିଳନ ଆୟୋଜନ କରାଯାଇ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା ।

## କେବୁଲ ଚୋରୀ ବେଳେ ଚୋର କାବୁ

ଯୋଡା,୩୦/୧୧ (ମହାଭାରତ): କେନ୍ଦୁଝର ଯୋଡ଼ା ଠାରେ ଥିବା ମଙ୍ଗଳା ମନ୍ଦିର ନିକଟସ୍ଥ ବିଏସନାଲ୍ ଅଫିସରୁ ଶନିବାର ରାତିରେ ଚୋରୀ କରିବାକୁ ସ୍କାଏ ଲାଇଟ ଭାଙ୍ଗି ପଶିଥିବା ବେଳେ କର୍ମଚାରୀ ମାନେ ଚୋରକୁ କାବୁ କରି ପୋଲିସରେ ଜୀମା ଦେଇଛନ୍ତି ମିଳିଥିବା ସୂଚନା ଅନୁଯାୟୀ, କେବୁଲ ଚୋରି ପାଇଁ ସ୍କାଇଲାଇଟ ଭାଗିଂ ବିଏସ ଏନ ଏଲ ଅଫିସରେ ଚୋର ପଶିଥିଲା କ୍ଷଅଫିସ ଭିତର କେବୁଲ କାଟି ବାରୁ ନେଟୱର୍କ କଟି ଯିବାରୁ କର୍ମଚାରୀ ଜାଣିପାରି ଅଫିସ ଖୋଲିବାରୁ ଭିତରେ ଚେକ୍ଷର ପଶି କେବୁଲ କାଟୁଥିବା ଅବସ୍ଥା ରେ ପାଇ ଚୋରକୁ କାବୁ କରି ନେଇଥିଲେ । ପୋଲିସ ଚେକ୍ଷରକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି । ଅନ୍ୟ ପକ୍ଷରେ କେବୁଲ କଟାଯାଇଥିବାରୁ ସହର ରେ ବିଏସଏନଏଲ ନେଟୱାର୍କ ସେବା ବନ୍ଦ ରହିଛି ।

## ନୟାଗଡ଼ରେ ସେକ୍ସ୍ ରିକେଟ ଠାବ : ହୋଟେଲ ମାଲିକ ଗିରଫ ସହ ଦେହଜୀବୀ ଉଦ୍ଧାର






ନୟାଗଡ଼, (ମହାଭାରତ) : ନୟାଗଡ଼ରେ ସେକ୍ସ୍ ରିକେଟ ଠାବ । ହୋଟେଲ ରେ ଦେହ ବ୍ୟବସାୟ କରିବା ଅଭିଯୋଗରେ ହୋଟେଲ ମାଲିକ ଗିରଫ ସହ ଜଣେ ଦେହଜୀବୀ ଯୁବତୀ ଥାନାରେ ଅଟକ । ଇଟାମାଟି ଥାନା ପ୍ରତାପ ପ୍ରସାଦ ଗାଁ ନିକଟରେ ଥିବା ଦୀପକ ହୋଟେଲରେ ପୋଲିସର ପକ୍ଷରୁ ଚଢାଉ ଜଣେ ଦେହଜୀବୀ ସହ ଆପତ୍ତିଜନକ ସାମଗ୍ରୀ ଜବତ । ହୋଟେଲ ମାଲିକ ମଧୁ ସୁଦର୍ଶନ ନନ୍ଦ ଗିରଫ । ବହୁ ଦୀନ ହେବ ଇଟାମାଟି ଥାନା ଅଞ୍ଚଳରେ ଥିବା ହୋଟେଲ ଓ ଲଜ୍ ରେ ଦେହ ବ୍ୟବସାୟ ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେଉଥିଲା । ଆଜି ନୟାଗଡ଼ ଏସଡିପିଓ ଙ୍କ ତତ୍ତ୍ୱାବଧାନରେ ନୟାଗଡ଼ ସଦର ଥାନା ଓ ଇଟାମାଟି ଥାନା ପୋଲିସ ମିଳିତ ଭାବେ ହୋଟେଲ ମାନଙ୍କ ରେ ରେଡ୍ କରିଥିଲେ । ରେଡ୍ ବେଳେ ଇଟାମାଟି ଅଞ୍ଚଳର ପ୍ରତାପ ପ୍ରସାଦ ନିକଟରେ ଥିବା ଦୀପକ ହୋଟେଲ ଆଣ୍ଡ ଲଜ୍ ରୁ ଏକ ଦେହଜୀବୀ ଙ୍କୁ ଉଦ୍ଧାର କରିଥିବା ବେଳେ ହୋଟେଲ ମାଲିକ ସୁଦର୍ଶନ ନନ୍ଦ ଙ୍କୁ ଅଟକ ରଖିଛି ଇଟାମାଟି ଥାନା ପୋଲିସ । ଏହି ଦୀପକ ହୋଟେଲ ରେ ବହୁ ଦୀନ ହେବ ଏହି ଦେହ ବ୍ୟବସାୟ ହେଉଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଇଟାମାଟି ପୋଲିସ କିପରି ସନ୍ଧାନ ପାଉନଥିଲା ତାହା ଏବେ ନୟାଗଡ଼ ରେ ଚର୍ଚ୍ଚା ବିଷୟ ଥିବା ବେଳେ ଗଣମାଧ୍ୟମ ରୁ ଖବର ପାଇ ଆଜି ନୟାଗଡ଼ ପୋଲିସ ଅଚାନକ ଦୀପକ ହୋଟେଲ କୁ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ହୋଟେଲ ରେ ଦେହ ବ୍ୟବସାୟ ହେଉଥିବା ପୋଲିସ ଜାଣିବାକୁ ପାଇବା ସହ ଏକ ଦେହଜୀବୀ ଙ୍କୁ ଉଦ୍ଧାର କରିଛି ପୋଲିସ । ଏବଂ ଦୀପକ ହୋଟେଲ ମାଲିକ ସୁଦର୍ଶନ ନନ୍ଦଙ୍କୁ ଉଠାଇ ନେଇ ପଚରାଉଚୁରା କରୁଥିବା ଜଣାପଡିଛି ।

## ଜୁନାଗଡ଼ ବିଦ୍ୟା ନିକେତନରେ ପଞ୍ଚଦଶ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ଜୁନାଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ଭାରତୀୟ ବିଦ୍ୟା ନିକେତନ ଠାରେ ପଞ୍ଚଦଶ ବାର୍ଷିକ କ୍ରୀଡା ସମାରୋହ ସ୍ଥାନୀୟ ଭୈରବ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଉଦ୍ଘାଟନ ଉତ୍ସବରେ ରାଧେଶ୍ୟାମ ପଣ୍ଡା, କ୍ଷେତ୍ର ସଭାପତି ବି.ଏସ୍ .ଭି.ଏ.ସ୍ , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶ୍ରୀ ଜଗନ୍ନାଥ ଚେତନା ଓ ଗଣେଶ ପ୍ରତିଷ୍ଠାନ ପୁରୀ ସଭାପତି ଯୋଗଦେଇ ଶିଶୁ ଙ୍କୁ ଶାରୀରିକ ଓ କ୍ରୀଡ଼ା ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଥିଲେ । ସମାରୋପ କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ବ୍ୟୋମକେଶ ପୁରୋହିତ ସାମ୍ବାଦିକ ଯୋଗଦେଇ ଶିଶୁ ଙ୍କୁ ଶାରୀରିକ ଓ କ୍ରୀଡ଼ା ର ଗୁରୁତ୍ୱ ଦେବାକୁ ଅବଗତ କରାଇଥିଲେ । ଭାରତୀୟ ବିଦ୍ୟା ନିକେତନ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ସନତ୍ କୁମାର ଯୋଷୀ ଙ୍କ ତତ୍ତ୍ୱାବଧାନ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସମାରୋହରେ ଆରମ୍ଭରେ ହୋଇଥିଲା କ୍ରୀଡା ପ୍ରତିଯୋଗୀତା ଆରମ୍ଭ କରିଥିଲେ ଗୁରୁଜୀ ସତ୍ଚେନ୍ଦୁ ତ୍ରିପାଠୀ, ପ୍ରଦୀପ ଧଙ୍ଗଡ଼ା ମାଝୀ, ପଞ୍ଚାନନ ହଂସ, ସମୀର ଦଣ୍ଡସେନା, ଶୁଭଶ୍ରୀ ନାଏକ, ମମତା ବେହେରା, ଭଗବତୀ ଦେଇ, ମୋନାଲିସା ଗୁରୁମା, ବିଜୟଲକ୍ଷ୍ମୀ ଗୁରୁମା, ସସ୍ମିତା ନାଏକ ତଥା ଅନ୍ୟ ଗୁରୁଜୀ ଓ ଗୁରୁମା ଙ୍କ ସହଯୋଗ ରେ ଶିଶୁ ଙ୍କ ୪୫ ଟି ଖେଳ ବିଭିନ୍ନ ବିଭାଗ ରେ ହୋଇଥିଲା ଏବଂ ଶିଶୁ ଙ୍କୁ ପୁରସ୍କୃତ କରାଗଲା । ଶେଷରେ ଆଠ ଜଣ ଶିଶୁଙ୍କୁ ଶ୍ରେଷ୍ଠ ପ୍ରତିଯୋଗି ଙ୍କୁ ବିଜେତା ପ୍ରମାଣପତ୍ର ସହ ସିଲ୍ଡ ପ୍ରଦାନ କରାଗଲା । ସମସ୍ତ ଶିଶୁ, ଅଭିଭାବକ ତଥା ଗୁରୁଜୀ ଓ ଗୁରୁମା ଉତ୍ସାହ ସହିତ କାର୍ଯ୍ୟକ୍ରମ ଟିକୁ ସହଯୋଗ କରିଥିଲେ ।

# ସରପଞ୍ଚଙ୍କୁ ମାଡ଼, ଥାନାରେ ମାମଲା

ଜୁନାଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ପଳାସ ପଂଚାୟତ ର ସରପଞ୍ଚ ପ୍ରଭାକର ସେଠି ଙ୍କୁ ମଥୁରା ଗ୍ରାମ ର କିଛି ଯୁବକ ମାଡ଼ ମାରି ଥିବା ଅଭିଯୋଗ ହୋଇଅଛି । ଏ ସଂକ୍ରାନ୍ତରେ ସରପଞ୍ଚ ଜୁନାଗଡ଼ ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି କ୍ଷ ଏନେଇ ଜୁନାଗଡ଼ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛନ୍ତି । ସୂଚନା ମତେ ପଳାସ ସରପଞ୍ଚ ପ୍ରଭାକର ସେଠି କୌଣସି ଏକ କାମ ରେ ମହିଚଲା ଗ୍ରାମ କୁ ଯାଉଥିବା ବେଳେ ଗୌଡ଼ ସର୍ଗିଗୁଡା ଛକ ନିକଟରେ ମଥୁରା ଗ୍ରାମର କିଛି ଯୁବକ ଜବରଦସ୍ତି ଅଟକାଇ ବାଇକ ରେ ଆଣି ମଥୁରା ଢ଼ାବା ନିକଟରେ ଓଲହାଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସଙ୍ଗବଦ୍ଧ ହୋଇ ମାଡ଼ ମାରିଥିଲେ । ଏ ସଂକ୍ରାନ୍ତରେ ଜୁନାଗଡ଼ ଥାନା ରେ ସରପଞ୍ଚ ସେଠି ଙ୍କ ତରଫରୁ ଜୁନାଗଡ଼ ଥାନା ରେ ଏକ ଲିଖିତ ଅଭିଯୋଗ ହୋଇଅଛି । ଏନେଇ ଜୁନାଗଡ଼ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬/୨, ୨୯୬, ୧୧୫/୨, ୩୫୧/୨, ୩/୫ଏଟ୍ରୋସିଟି ଆକ୍ଟ ୩/୧ଆର, ୩/୧ଏସ, ୩/୨ଭି ଏ ର ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଚାଲୁରଖିଛନ୍ତି । ଅନ୍ୟ ପକ୍ଷରେ ଅଭିଯୁକ୍ତ ମାନଙ୍କ ପକ୍ଷରୁ ଏକ ପାଲଟା ଅଭିଯୋଗ କରିଥିବା ଜୁନାଗଡ଼ ଥାନା ପକ୍ଷରୁ ଜଣାଯାଇଛି । ଅଭିଯୋଗକାରି ଜଣେ ନିର୍ବାଚିତ ଜନପ୍ରତିନିଧି ହୋଇଥିବା ବେଳେ ନିକଟରେ ମଧ୍ୟ ସଦର ବିଧାୟକ ଙ୍କୁ ମଧ୍ୟ ହତ୍ୟା ଧମକ ହୋଇଥିବା ଅଭିଯୋଗ ହୋଇଥିଲା । ଯାହା ଫଳରେ କଳାହାଣ୍ଡି ରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା କୁ ନେଇ ଆଙ୍ଗୁଳି ନିର୍ଦ୍ଦେଶ ହେଉଛି । ଏଣୁ ଏଇ ଘଟଣା କୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ଼ ନିନ୍ଦା କରିବା ସହ ଜିଲ୍ଲା ପୋଲିସ ପ୍ରଶାସନ ଏଥିନେଇ ଯତ୍ନବାନ ହେବାକୁ ଦାବୀ ହେଉଛି ।

## ତାଲୁକା ଆଇନ ସଚେତନତା ଶିବିର

ହିଞ୍ଜିଳିକାଟୁ, (ମହାଭାରତ) : ହିଞ୍ଜିଳିକାଟୁ ବ୍ଲକ୍ ଅଧୀନସ୍ଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,କଞ୍ଚୁରୁ ପରିସରରେ ତାଲୁକା ଆଇନସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।କମିଟି ଅଧକ୍ଷା ତଥା ସବଜଜ୍ ସୁଶ୍ରୀ ସଙ୍ଗୀତ ମଲ୍ଲିକ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ସେଠୀ,ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟସେନ ମହାନ୍ତି,ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଏଲ୍.ଗୌରୀ ଆଚାରୀ ଏବଂ ବରିଷ୍ଠ ଅଧିବକ୍ତା ଦ୍ୱିତିକୃଷ୍ଣ ସାବତ ପ୍ରମୁଖ ଯୋଗ ଦେଇଥିଲେ ।କମିଟି ଛାତ୍ରୀ ମାନଙ୍କୁ ମୌଳିକ କର୍ତ୍ତବ୍ୟ, ପୋସ୍କୋ ଆଇନ ଓ ଜେଜେ(ସିପିସି) ଆଇନ ବିଷୟରେ ସବିଶେଷ ତଥ୍ୟ ତଥା ତତ୍ ସଂଲଗ୍ନ ଧାରା ସମ୍ବନ୍ଧରେ ପିଲାମାନଙ୍କୁ ସଚେତନ କରାଇଥିଲେ ।ଏହିଭଳି ଅଭିନବ କାର୍ଯ୍ୟକ୍ରମ ପିଲାମାନଙ୍କ ଦୈନନ୍ଦିନ ଜୀବନରେ ନିତାନ୍ତ ଆବଶ୍ୟକ ଓ ଏହା ପିଲାଙ୍କୁ ଜୀବନକୁ ଉଚିତ୍ ରୂପେ ଗଢି ପାରିବ ବୋଲି ବିଦ୍ୟାଳୟ ଅଧକ୍ଷ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମେଧାବୀ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଯୋଡ଼ା ୩୦/୧୧ (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ସ୍କୁଲଗୁଡ଼ିକର ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ମେଧାବୀ ମାଟ୍ରିକ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହା ସହିତ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ତାଲିମ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା ।ଜିନ୍ଦଲନଗର ମୁଭି ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମ୍ ଡି., ଯୋଡ଼ା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ କ୍ଷେତ୍ରମୋହନ ହାଁସଦା, ଯୋଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଶତପଥୀ, ଦେଓଝର ସରପଞ୍ଚ ଶ୍ରୀ ଧ୍ରୁବଚରଣ ନାଏକ, ପଞ୍ଚାୟତ ସମିତି ସଭ୍ୟ ଶ୍ରୀମତୀ ଲକ୍ଷ୍ମୀ ମୁଣ୍ଡା, ଜିନ୍ଦଲ ଷ୍ଟିଲ-ବିକେଟିଆର ସିଏସଆର ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ ।ଧବଳେଶ୍ୱର ହାଇସ୍କୁଲର ୯ ଓ ବିଲେଇପଦା ହାଇସ୍କୁଲର ୨୭ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ତାଲିମ କାର୍ଯ୍ୟକ୍ରମରେ ୪୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିରନ୍ତର ଭାବେ ଚାଲିଛି । ପାରିପାର୍ଶ୍ୱିକ ସ୍କୁଲଗୁଡ଼ିକରେ ଶିକ୍ଷକ-ଛାତ୍ରଛାତ୍ରୀ ଅନୁପାତରେ ସନ୍ତୁଳନ ରଖିବା ପାଇଁ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି । ଡ୍ରପ ଆଉଟ ରୋକିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳରେ ସଚେତନତା ପଦକ୍ଷେପ ନିଆଯାଉଛି । ଏହା ସହିତ ଆବଶ୍ୟକତା ଅନୁସାରେ ସ୍କୁଲର ଭିତ୍ତିଭୂମି ନିର୍ମାଣ ସହ ଶିକ୍ଷା ଓ ଶିକ୍ଷଣ ସାମଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି । ମହିଳା ଶିକ୍ଷା ଓ ଦକ୍ଷତା ବିକାଶକୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହିତ କରାଯାଉଛି । ୨୦୨୨ରୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଥିବା "ଯଶସ୍ୱୀ" କାର୍ଯ୍ୟକ୍ରମ ଦ୍ୱାରା ଆର୍ଥିକ ଅନଗ୍ରସର ଛାତ୍ରୀ ଓ ମହିଳାମାନଙ୍କୁ ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯାଉଛି ।

## ବିଷମକଟକ ମଣ୍ଡଳ ତରଫରୁ 'ମନ କି ବାତ' କାର୍ଯ୍ୟକ୍ରମ ଅନୁଷ୍ଠିତ



ବିଷମକଟକ:(ମହାଭାରତ): ଆଜି ବିଷମକଟକ ଠାରେ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ଓ ସ୍ଥାନୀୟ ଗ୍ରାମ ପଞ୍ଚାୟତ ଠାରେ ଥିବା ହଲ ନିକଟରେ ବିଷମକଟକ ଭାଜପା ମଣ୍ଡଳ ତରଫରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା ଓ ପ୍ରଧାନମନ୍ତ୍ରୀ ମୋଦୀଜୀ ଙ୍କ ଏହା ୧୨୮ତମ ମନ କି ବାତ କାର୍ଯ୍ୟକ୍ରମ ହୋଇଥିବା ବେଳେ, ଆଜି ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ବିଷମକଟକ ର ଯୁବ ବର୍ଗ ଠାରୁ ଆରମ୍ଭ କରି ବୟସ୍କ ଓ ମହିଳା ମାନେ ସମସ୍ତେ ଉତ୍ସାହ ର ସହିତ ଯୋଗଦାନ ଦେଇଥିଲେ। ଏହି ମନ କି ବାତରେ, ପ୍ରଧାନମନ୍ତ୍ରୀ ମୋଦୀ ନଭେମ୍ବର ମାସର ସମ୍ବିଧାନ ଦିବସ ପାଳନ, ବନ୍ଦେ ମାତରମର ୧୫୦ ତମ ବାର୍ଷିକୀ, ଅଯୋଧ୍ୟାରେ ଧର୍ମଧ୍ୱଜ ଉତ୍ତୋଳନ, ଆଇଏନଏସ 'ମାହେ' ପ୍ରେରଣା ଏବଂ କୁରୁକ୍ଷେତ୍ର ରେ ଅନ୍ତର୍ଜାତୀୟ ଗୀତା ମହୋତ୍ସବପ୍ରମୁଖ ଘଟଣାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସେ ରେକର୍ଡ ଖାଦ୍ୟ ଶସ୍ୟ ଏବଂ ମହୁ ଉତ୍ପାଦନ, ଭାରତର କ୍ରୀଡା ସଫଳତା, ସଂଗ୍ରହାଳୟ ଏବଂ ପ୍ରାକୃତିକ କୃଷି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଏଥି ସହ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ କାଶୀ-ତାମିଲ ସଙ୍ଗମମ ର ଅଂଶ ହେବାକୁ ଅନୁରୋଧ କରିଥିଲେ। ମୋଦୀ ଜୀ ଙ୍କ ଏହି କାର୍ଯ୍ୟକ୍ରମ ପାଇଁ ଉପସ୍ଥିତ ସମସ୍ତ ଙ୍କ ମଧ୍ୟରେ ଏକ ଅଭୁତ ଉତ୍ସାହ ଦେଖିବାକୁ ମିଳିଥିଲା। ଆଜିର ଏହି କାର୍ଯ୍ୟକ୍ରମ ରେ ବିଷମକଟକ ମଣ୍ଡଳ ର ବରିଷ୍ଠ ବିଜେପି ନେତା ବାଦଲ ରଣା, ରମାକାନ୍ତ ପାଢ଼ୀ, ରବୀନ୍ଦ୍ର ନାଥ କବିର, ଦୁର୍ଯ୍ୟୋଧନ ପାଳ, ସର୍ବେଶ୍ୱର ସୁନା, ମନୋଜ ପଣ୍ଡା, ଯୁବ ମୋର୍ଚ୍ଚ ର ଗୌତମ ଉଲାକା, ଅନିଲ କୁମାର, ଶୁଭମ ପାଢ଼ୀ, ରାଧେଶ୍ୟାମ ହିୟାଲ,ମନୋଜ ପଣ୍ଡା, କାଳୀ ଚରଣ ତ୍ରିପାଠୀ, ଅଙ୍ଗଦ ଟାକ୍ରୀ, ରାମଦାସ ଉଲାକା, ଏବଂ ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ନରେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ବିଜେପି ନେତା ସାଇରମ ପଟନାୟକ ଉପସ୍ଥିତ ଜନସାଧାରଣ ଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପନ କରିଥିଲେ ।

## ବିଷମ କଟକରେ ଦୌନିକ ବଜାର ଗୃହର ଶୁଭ ଉଦ୍‌ଘାଟନ



ବିଷମ କଟକ(ମହାଭାରତ):ବିଷମ କଟକର ଦୌନିକ ବଜାର ଗୃହର ଶୁଭ ଉଦ୍ଘାଟନ ଆଜି ବିଧିବତ ଭାବେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୫ ବର୍ଷ ଧାରାବାହିକ ଚେଷ୍ଟାର ପରିଣତିରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ସମ୍ଭବ ହୋଇଛି ବୋଲି ସାଂସଦ ପ୍ରତିନିଧି ଶ୍ରୀ ଦିଲ୍ଲୀପ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି।ଉଦ୍ଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶ୍ରୀ ନୀଳମାଧବ ହିକକା, ସାଂସଦ ପ୍ରତିନିଧି ଶ୍ରୀ ଦିଲ୍ଲୀପ ପଟ୍ଟନାୟକ, ବିଷମ କଟକ ଆଇ.ଆଇ.ସି. ଶ୍ରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ସରପଞ୍ଚ ନମିତା କୁଲିଶିକା, ନାୟକ ସରପ□ ଶ୍ରୀ ପ୍ରଦୀପ କୁମାର ଗୁଡୁଲା, ବ୍ଲକ୍ ସଭାପତି ଶ୍ରୀ କୃଷ୍ଣ ନାଣକା, ଉପାଧ୍ୟକ୍ଷ ଶ୍ରୀ ଦେବୀପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। ଏଥିପାଇଁ ରାମୁ, ଅଜୟ, ଅମିତାଭ ପଟ୍ଟନାୟକ, ରାଜକିଶୋର ପଟ୍ଟନାୟକ ସହ ପ୍ରଚୁର ସଂଖ୍ୟକ ଗ୍ରାମବାସୀ ଉପସ୍ଥିତି ଦର୍ଶାଇ ଉଦ୍ଘାଟନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଦୌନିକ ବଜାର ଗୃହ ଚାଲୁ ହେବା ସହିତ ସ୍ଥାନୀୟ ବ୍ୟବସାୟ, ଜନସେବା ଓ ଅର୍ଥନୈତିକ କାରବାରରେ ନୂଆ ଗତି ସୃଷ୍ଟି ହେବ ବୋଲି ଯୋଗଦାନ କରିଥିବା ଅତିଥି ଓ ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି।

## ଲାଞ୍ଜିଗଡ ପୂଝାରୀ ମହାସଂଘର ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ

ଲାଞ୍ଜିଗଡ,(ମହାଭାରତ)କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ମାଁ ମାଣିକେଶ୍ୱରୀ ପୂଝାରୀ ମହାସଂଘ ପକ୍ଷରୁ ଆଜି ଗୋପୀନାଥ ପୁର ଭୈରବ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସର୍ବ ପ୍ରଥମେ ମହାସଂଘ ପକ୍ଷରୁ କଳାହାଣ୍ଡି ଇଷ୍ଟ ଦେବି ମାଁ ମାଣିକେଶ୍ୱରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପୂଜାର୍ଚ୍ଚନା କରିଥିଲେ। ଉକ୍ତ ବୈଠକରେ ରାଜ୍ୟସ୍ତରୀୟ ପୂଝାରୀ ମହାସଂଘ ସଭାପତି ସିମା□ଳ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସଉମାନିତ ଅତିଥି ଭାବେ ସୀତାକାନ୍ତ ବାଗ ଯୋଗଦେଇ ନିଜ ଅନୁଭୂତି ଉପସ୍ଥାପନା କରିବା ସହିତ ପୂଝାରୀ ମହାସଂଘକୁ ସରକାରୀ ସ୍ତରରେ ପଞ୍ଜିକରଣ ଏବଂ ସରକାରୀ ଜମି ଅଧିଗ୍ରହଣ ସହିତ ସଂଜୀବନୀ ଭେଷକ ଉଦ୍ୟାନ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଥିଲେ । ଲାଞ୍ଜିଗଡ ବ୍ଲକର କୋଣ ଅନୁକୋଣରୁ ଶତାଧିକ ବୈଦ୍ୟ, ପୂଝାରୀ, ଓ ବାଉକ ଯୋଗଦେଇଥିଲେ । ଏହି ଅବସରରେ ପୂଝାରୀ ମହାସଂଘର ନାମକରଣ ଓ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ବୃନ୍ଦାବନ ପ୍ରଧାନୀ, ସଭାପତି ଜଣେଶ୍ୱର ପୂଝାରୀ,ଉପ ସଭାପତି ତରୁଣ ଦଳପତି, ସମ୍ପାଦକ ସରୋଜ କୁମାର ମାଝୀ,ସହ ସମ୍ପାଦକ କେଦାର ଚଣ୍ଡୀ,କୋଷାଧକ୍ଷ ବିନାୟକ ପ୍ରଧାନୀ,ସହ କୋଷାଧକ୍ଷ ପୁରନ୍ଦର ପାତ୍ର ଙ୍କୁ ମହାସଂଘ ପକ୍ଷରୁ ପଦପଦବୀ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଉକ୍ତ ବୈଠକକୁ ବୃନ୍ଦାବନ ପ୍ରଧାନୀ ପରିଚାଳନା କରିଥିବା ବେଳେ କନ୍ଦର୍ପ ନାଏକ,ଭୁବନେଶ୍ୱର ପାତ୍ର,ଜଗବନ୍ଧୁ ପ୍ରଧାନୀ,ରାମଚନ୍ଦ୍ର ପ୍ରଧାନୀ,ସୁନୀଲ ପ୍ରଧାନୀ, ଯୋଶବନ୍ତ ଦଣ୍ଡସେନା,ଶ୍ୟାମ ଲାଲ ପ୍ରଧାନୀ, କୌତୁକ ସାହାଣୀ,ଉମା ଦଣ୍ଡସେନା, ବସନ୍ତ ଦଣ୍ଡସେନା,ଉପେନ୍ଦ୍ର ଦଣ୍ଡସେନା, ମୁକୁନ୍ଦ ବିସି, ଶିବ ପ୍ରଧାନୀ, ସନାତନ ପ୍ରଧାନୀ,ସଞ୍ଜୟ ସାହୁ, ନାରାୟଣ ପ୍ରଧାନୀ,ମୋହନ ପ୍ରଧାନୀ, ଯମୁନା ପାଣିଗ୍ରାହୀ,ସୀତା ଆଚାରୀ ସମେତ ସଂଘର ସମସ୍ତ ସଦ୍ୟସ ଯୋଗଦେଇଥିଲେ।

## . ଲେଙ୍କୁଡିପଡା ଗୁଗୁଲ୍ ଢାବାରେ ପୁଲିସର ଚଢ଼ାଉ
# ୫୦ ଲିଟର ବିଦେଶୀ ମଦ ଜବତ ସହ ମାଲିକ ଗିରଫ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଅବକାରୀ ବିଭାଗର ନିଷ୍କ୍ରିୟତା ପାଇଁ ଚୋର ତଥା ବେଆଇନ ମଦ କାରବାର ବୃଦ୍ଧି ପାଉଛି। ଆଜି ନୟାଗଡ଼ ଏସଡିପିଓଙ୍କ ନେତୃତ୍ୱରେ ଟାଉନ ଥାନା ପୁଲିସ ଲେଙ୍କୁଡ଼ିପଡ଼ା ଠାରେ ରହିଥିବା ଗୁଗୁଲ୍ ଢାବାରେ ଚାଉ କରି ୫୦ ଲିଟର ମଦ ଜବତ କରିଛି। ବେଆଇନ ମଦ କାରବାର ଅଭିଯୋଗରେ ଗୁଗୁଲି ହୋଟେଲର ମାଲିକ ସୁରେଶ ଚନ୍ଦ୍ର ପ୍ରଧାନ ଙ୍କୁ ଗିରଫ କରାଯାଇଛି । ସୁରେଶଙ୍କ ନାମରେ ପୂର୍ବରୁ ନୟାଗଡ଼ ଟାଉନ ଥାନାରେ ଏକାଧିକ ମାମଲା ରହିଛି ରହିଛି। ନୟାଗଡ଼ ଟାଉନ ଥାନାର ଅତିରିକ୍ତ ଇନିସପେକ୍ଟର ସନ୍ତୋଷ କୁମାର ଦାସ ଏହି ଘଟଣାରେ ଚାଉ କରିଥିଲେ। ଏହି ହୋଟେଲରେ ପ୍ରତ୍ୟେକ ଦିନ ମଦ କାରବାର ହୋଇ ଆସୁଥିଲା। ଗତ ମାର୍ଚ୍ଚ ୧୫ ତାରିଖ ପୁଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସହ ୪୭୦ ଲିଟର ମଦ ଜବତ କରିଥିଲା। ମାଲିକ ଜେଲରୁ ବେଲରେ ଆସିବା ପରେ ପୁଣି ମଦ କାରବାର କରୁଥିବା ନେଇ ଅଭିଯୋଗ ରହିଥିଲା। ଯାହାକୁ ନେଇ ନୟାଗଡ଼ ଟାଉନ ଥାନା ପୁଲିସକୁ ନେଇ ଏସଡିପିଓ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିଭିନ୍ନ ବ୍ରାଣ୍ଡର ୫୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ାଉ ପରେ ନୟାଗଡ଼ ସହରରେ ଚାଲିଥିବା ଅନ୍ୟ ହୋଟେଲ ଗୁଡ଼ିକରେ ବେଆଇନ ମଦ କାରବାର ହ୍ରାସ ଘଟିବ ବୋଲି ଆଲୋଚନା ହେଉଛି। ନୟାଗଡ଼ ରୁ ଭୁବନେଶ୍ୱର ରାସ୍ତାରେ ରହିଥିବା ଢାବା, ବିଭିନ୍ନ ହୋଟେଲ ସହ ନୟାଗଡ଼ ରୁ ଦଶପଲ୍ଲା ରାସ୍ତାରେ ରହିଥିବା ଢାବା, ହୋଟେଲ ଏବଂ ନୟାଗଡ଼ ରୁ ଖଣ୍ଡପଡ଼ା ରାସ୍ତାରେ ରହିଥିବା ଢାବା ଓ ହୋଟେଲ ରେ ମଧ୍ୟ ଦିନ ଦ୍ୱିପହରରେ ମଦ କାରବାର ହେଉଥିବା ଅଭିଯୋଗ ହେଉଛି।

## ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡା ଓ ପ୍ରମାଣ ପତ୍ର ବଣ୍ଟନ



ଦାନଗଦି :(ମହାଭାରତ) ଦାନଗଦି ସରସ୍ତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବପାଳନ ସହ ଶେଷଦିନରେ ପୁରସ୍କାର ଓ ପ୍ରମାଣ ପତ୍ର ବ□ନ ରାଯାଇଛି ।ଉକ୍ତ ବାର୍ଷିକ କ୍ରୀଡା ଉତ୍ସବର ଉଦ୍ଘାଟନୀ ଦିବସରେ ଅତିଥିମାନେ ପହଞ୍ଚି ପ୍ରଦୀପପ୍ରଜ୍ୱଳନ କରିଥିଲେ। ଉକ୍ତ ଆନୁଷ୍ଠାନିକ କ୍ରୀଡା ଓ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଆସ୍ଥିହିଥି ଭାବେ ସୁବାଷ ଚନ୍ଦ୍ର ବଳସାମନ୍ତ କରିଥିବାବେଳେ। ଶିଶୁମନ୍ଦିର କ୍ରୀଡା ଧ୍ୱଜା ରୋହଣ କରିଥିଲେ ଅଜାହିନ୍ଦ କ୍ଲବ ର ସମ୍ପାଦକ ସଲିମୁଦ୍ଦିନ। ଦ୍ୱିତୀୟ ଦିନରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ସଦସ୍ୟା ଗୀତାଞ୍ଜଳି ସାମନ୍ତରାୟ, ମାତୃ ଭାରତୀ ସଂଯୋଜିକା, ତୃତୀୟ ଦିନରେ କ୍ରୀଡା ଶୁଭାରମ୍ଭ କରିଥିଲେ ଉପସଭାପତି ମହେଶ୍ୱର ଦାସ । ସମ୍ପାଦକ ମନମୋହନ ଆଇଚ ପ୍ରତେକ ଦିନରେ ଉପସ୍ଥିତ ହୋଇ ସଚାଳନା କରିବା ସହିତ ଖେଳ ପ୍ରଭାବି ହେବାକୁ ଶିଶୁ ମାନଙ୍କୁ ପରାମର୍ଶ ଦେଇଥିଲେ। ଅରୁଣ କୁମାର ମହାରଣା ଓ ସରୋଜ କୁମାର ପୃଷ୍ଟି ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ଦେଓ ଆଭିମୁଖ୍ୟ ଓ ଶରୀର ପାଇଁ କ୍ରୀଡାର ଆବଶ୍ୟକତା ପରିଚୟ ମାଧ୍ୟମରେ ପରାମର୍ଶ ଦେଇଥିଲେ। ସମାପନରେ ମୁଖ୍ୟ ଅତିଥି ସବ୍ୟସାଚୀ ବଳସାମନ୍ତ ଯୁବ ସମାଜସେବି ଓ ସମ୍ମାନିତ ଅତିଥି ପ୍ରଶାନ୍ତ କୁମାର ରାୟ ତାଙ୍କ ଭାଷଣରେ କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁମନ୍ଦିର ପ୍ରତି ରଖିଥିବା ଅନୁକମ୍ପା ସମ୍ବନ୍ଧରେ ଉପସ୍ଥିତ ଅଭିଭାବକ ମାନଙ୍କୁ ପ୍ରେରଣା ଦେଇଥିଲେ। ଶିଶୁମନ୍ଦିର ରେ ଶିକ୍ଷା, କଳା ଠାରୁ ଆରମ୍ଭ କରି ସର୍ବ ଗୁଣରେ ଶିଶୁ ମାନେ ପରିପୂର୍ଣ୍ଣ ହୁଅନ୍ତି ବୋଲି ହୃଦୟବୋଧ କରିଥିଲେ । ମୋଟ ପାଞ୍ଚ ସହ କୋଡ଼ିଏ ଶିଶୁଙ୍କୁ ପାଞ୍ଚୋଟି ଗ୍ରୁପ ଯଥା ଶିଶୁ ବାଟିକା, ସର୍ବ କନିଷ୍ଟ, କନିଷ୍ଟ, ଶିଶୁବର୍ଗ ଓ ବାଲ ବର୍ଗରେ ବର୍ଗୀକରଣ କରାଯାଇଥିଲା । ବର୍ଗ ପ୍ରମୁଖ ଭାବେ କୃଷ୍ଣ ଚନ୍ଦ୍ର ମାଝୀ, ଶରଣ ମଳିକ, ଶଶିକାନ୍ତ ଡୋରା, ବିଶ୍ୱଜିତ ରାଉତରାୟ, ମନୋରମା ସାହୁ, ଯଜ୍ଞ ମାଧବ ମିଶ୍ର, ଆଶିଷ ମିଶ୍ର, ପ୍ରମୋଦ ସାହୁ, ଆରତୀ ସାହୁ, ନିବେଦିତା ଲେଙ୍କା ବର୍ଗ ଅନୁସାରେ ଖେଳ ପରିଚାଳନା କରିଥିଲେ । କୃତି ପ୍ରତିଭା ମାନଙ୍କୁ ଅତିଥିଙ୍କ ଦ୍ୱରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ମାତୃଭାରତୀ, ସେବିକା, କାର୍ଯ୍ୟାଳୟର ପ୍ରମୁଖ ଙ୍କ ସମେତ ଅଭିଭାବଙ୍କ ସହଯୋଗରେ ବାର୍ଷିକ ମହା ଆନନ୍ଦ ଉଲ୍ଲାସରେ ଶେଷକରୀ ବନ୍ଦେ ମାତରମ ଗାନ କରାଯାଇ ସମାପନ କରାଯାଇଥିଲ।।

## ବନ୍ଦର ସାଂସ୍କୃତିକ ମହୋତ୍ସବର ୨ୟ ସନ୍ଧ୍ୟାରେ ନାଟକ 'ଭାଗ' ମଞ୍ଚସ୍ଥ



ପାରାଦୀପ(ମହାଭାରତ)ସ୍ଥାନୀୟ ଜୟଦେବ ସଦନ ଠାରେ ପାରାଦୀପ ବନ୍ଦର ପ୍ରାଧିକରଣ ଓ ଜାଗନ୍ନାଥ ଲଳିତ କଳା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୫ ର ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଭାଗ' ଶନିବାର ଦିନ ମଞ୍ଚସ୍ଥ ହୋଇଯାଇଛି । ବନ୍ଦର ବ୍ୟବହାରକାରୀ ସଂସ୍ଥା (ପୋର୍ଟ ୟୁଜର୍ସ) ର କର୍ମଚାରୀ ମାନଙ୍କ ଦ୍ୱାରା ମଞ୍ଚସ୍ଥ ଏହି ନାଟକ ଉପସ୍ଥିତ ଦର୍ଶକଙ୍କ ବେସ ମନଛୁଆଁ ହୋଇଥିଲା । ଏଥିରେ ଗୋଟିଏ ପରିବାରରେ ବିଶୃଙ୍ଖଳା ଏବଂ ଶେଷରେ ଜେଜେ ଙ୍କ ପାଇଁ ପରିବାର ଏକାଠି ହେବା ଘଟଣା ଉପରେ ଆଧାରିତ ଥିଲା । ଏହି ନାଟକରେ କୀଉନ ଦାଶ, ଅମ୍ବିକା ସୁତାର, ମନୋରଞ୍ଜନ ମିଶ୍ର, କାଞ୍ଚନ ଦାଶ, ମନୋଜ, ରାଜା, ଆଶିଷ, ତାପସ ପ୍ରମୁଖଙ୍କ ଅଭିନୟ ବେସ ଆକର୍ଷଣୀୟ ହୋଇଥିଲା । ଏହି ନାଟକଟି ପ୍ରଜ୍ଞାନ ରଞ୍ଜନ ଖଟୁଆ ରଚନା କରିଥିବା ବେଳେ ନିରଞ୍ଜନ ଗାନ ନିର୍ଦ୍ଦେଶନା ଦେଇଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ପାରାଦୀପ ବନ୍ଦର ଉପ ସରଂକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତିରଞ୍ଜନ କର, ବନ୍ଦର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ଶେଖର ରାଉତ, ଯାନ୍ତ୍ରିକ ମୁଖ୍ୟ ଯନ୍ତ୍ରୀ ସୁଶୀଲ ଚନ୍ଦ୍ର ନାହାକ, ପାରାଦୀପ ପୋର୍ଟ ଷ୍ଟିଭେଡୋର୍ସ ଆସୋସିଏସନ ସମ୍ପାଦକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବନ୍ଦର ବ୍ୟବହାରକାରୀ ସଂସ୍ଥର ସଂଯୋଜକ ଅକ୍ଷୟ ଚନ୍ଦ୍ର ସୁତାର ଓ ହରିହର ଦାଶ ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତେବେ ଏହି ନାଟକ ମହୋତ୍ସବରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।

# ନୟାଗଡ଼ରେ ଦେଶୀ ବନ୍ଧୁକ କାରଖାନ ଠାବ ସହ ଦୁଇ ଗିରଫ



ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ଦେଶୀ ବନ୍ଧୁକ କାରଖାନ ଠାବସ ଦୁଇଟି ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ପାଇଁ ବ୍ୟବହୃତ ଉପକରଣ ଓ ଯନ୍ତ୍ରାଂଶ ଜବତ। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ନୟାଗଡ଼ ପୋଲିସ। ସୂଚନା ଅନୁଯାୟୀ ରଣପୁର ଥାନା ଦର୍ପନାରାୟଣପୁର ପୋଲିସ ଚୋରା ବନ୍ଧୁକ ଜବତ କରିବା ପରେ ଦେଶୀ ବନ୍ଧୁକ କାରଖାନାର ସନ୍ଧାନ ପାଇଛି । ଶରଣକୁଳ ଥାନା ଗୋଡିପଡା ଫାଣ୍ଡି ଜାକେଡ଼ା ଗାଁରେ ପୋଲିସ ପକ୍ଷରୁ ଚଢାଉ ବେଳେ ବନ୍ଧୁକ କାରଖାନା ଧରା ପଡିଛି। ଦୁଇ ଟି ବନ୍ଧୁକ ସହ ବନ୍ଧୁକ ତିଆରି ପାଇଁ ବ୍ୟବହୃତ ଉପକରଣ ଓ ଯନ୍ତ୍ରାଂଶ ଜବତ କରିଛି ପୋଲିସ। ଏହି ଘଟଣାରେ ବାଉଁଶଗଡ ଗାଁର ତିନି ଜାକେଡା ଗାଁର ନଅ ଜଣ ବ୍ୟକ୍ତିଙ୍କୁ ପଚରାଉଚରା ପରେ ପୋଲିସ ଦୁଇ ଟି ଦେଶୀ ବନ୍ଧୁକ ଜବତ କରିବା ସହ ଦୁଇ ଜଣ ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବନ୍ଧୁକ କାରଖାନାର ମାଲିକ ପଣ୍ଡା ଓରଫ ପ୍ରଶାନ୍ତ ବିଶ୍ୱାଳ ଏବଂ ବନ୍ଧୁକ ବ୍ୟବସାୟୀ ତୋଫାନ ନାୟକ ଓରଫ ଗୁଡୁ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ଦର୍ପନାରାୟଣପୁର ଫାଣ୍ଡି ପୋଲିସ କାକଲମା ଆଞ୍ଚଳରୁ ଜଣେ ଯୁବକଙ୍କ ଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଥିଲା। ପଚରାଉଚୁରା ପରେ ସେ ସମ୍ପୃକ୍ତ ବନ୍ଧୁକ ଗୋଡିପଡ଼ା ପାଣ୍ଡି ଜାକେଡା ଗାଁର ଜଣେ ବ୍ୟକ୍ତିଙ୍କ ଠାରୁ ଆଣିଥିବା କହିଥିଲା। ପୋଲିସ ଜାକେଡ଼ା ଗାଁରେ ଚଢ଼ାଉ କରିବା ପରେ ଅନ୍ୟ ଏକ ବନ୍ଧୁକ ଜବତ କରିଥିଲା। ଅନ୍ୟପକ୍ଷେ କାକେଡ଼ା ଗାଁରେ ବନ୍ଧୁକ ପ୍ରସ୍ତୁତ କାରଖାନା ପୋଲିସ ଠାବ କରିବ ପରେ ସ୍ୱ ଧରା ପଡ଼ିଥିଲା ବୋଲି ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀ କହିଛନ୍ତି। ଅଧିକ ତଥ୍ୟ ଜାଣିବା ପାଇଁ ଦୁହେଁଙ୍କୁ କୋର୍ଟ ରୁ ରିମାଣ୍ଡରେ ଅଣାଯିବ। ସେପଟେ ଗିରଫ ଅଭିଯୁକ୍ତଙ୍କ ପ୍ରତିକ୍ରିୟା ରୋଚକ୍ ରହିଛି। ସୋସିଆଲ ମିଡ଼ିଆ ରେ ରିଲ୍ସ ଓ ଫଟୋ ଉଠେଇବା ପାଇଁ ବନ୍ଧୁକ ତିଆରି କରିଥିବା କହିଛନ୍ତି ଅଭିଯୁକ୍ତ ମାନେ।

## ପୋଖରୀ ରେ ବୁଡି ମହିଳା ମୃତ

କରଞ୍ଜିଆ,(ମହାଭାରତ)ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ କେଶଡ଼ିହା ଗ୍ରାମପଞ୍ଚାୟତ ପୋଖରୀବାଡି ଗ୍ରାମରେ ରବିବାର ଦିନ ଗ୍ରାମ ପୋଖରୀ ରେ ବୁଡି ଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ।ମୃତ ମହିଳା ଜଣକ ହେଉଛନ୍ତି ପୋଖରୀବାଡି ଗ୍ରାମର ବିରଞ୍ଚି ପୁର୍ତ୍ତୀ ଙ୍କ ସ୍ତ୍ରୀ ନନ୍ଦିନୀ ପୁର୍ତ୍ତୀ (୫୦) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ନନ୍ଦିନୀ ଭୋର ସକାଳ ସମୟରେ ଗ୍ରାମରେ ଥିବା ଏକ ପୋଖରୀ କୁ ଯାଇଥିଲେ। କଇଁ ଫୁଲ ତୋଳି ବାକୁ ସେ ପୋଖରୀ ଭିତରେ ପଶି ଫୁଲ ତୋଳୁ ଥିବା ବେଳେ ପାଣି ଭିତରେ ବୁଡି ଯାଇ ଥିଲେ ।ପରେ ସକାଳ ପ୍ରାୟ ୮ ଟା ବେଳେ ତାଙ୍କର ମୃତ ଦେହ ପାଣିରେ ଭାସୁଥିବାର ପୋଖରୀ କୁ ଆସିଥିବା ଲୋକ ମାନେ ଦେଖିବାକୁ ପାଇଥିଲେ ।ପରେ ଖବର ପାଇ ମହୁଲଡ଼ିହା ଥାନା ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ପୋଖରୀ ଭିତରୁ ଭାସୁଥିବା ଶବକୁ ଉଦ୍ଧାର ପରେ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।ଏନେଇ ମହୁଲଡ଼ିହା ଥାନା ପୋଲିସ କେଶ ନମ୍ବର ୧୭/୨୦୨୫ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ର ତଦନ୍ତ କରୁଛି।

## ତ୍ରି-ଦିବସୀୟ ଯୁବ ରେଡ଼କ୍ରସ ତାଲିମ କାର୍ଯ୍ୟକ୍ରମ ଉଦଯାପିତ

ଆସିକା (ମହାଭାରତ): କେନ୍ଦୁପଦର ନିମିନା ବୃନ୍ଦାବନ ଚନ୍ଦ୍ର ମହା ବିଦ୍ୟାଳୟ ପରିସରରେ ଭାରତୀୟ ରେଡ଼କ୍ରସ ସୋସାଇଟି, ଓଡିଶା ରାଜ୍ୟଶାଖାର ଗଞ୍ଜାମ ଜିଲ୍ଲାସ୍ତରୀୟ ତ୍ରି-ଦିବସୀୟ ଯୁବ ରେଡ଼କ୍ରସ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇ ଯାଇଛି। ଅଧକ୍ଷ ଶ୍ରୀ ଅମର ପ୍ରସାଦ ବିଷୋୟୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶ୍ରୀ ଲୋକନାଥ ମିଶ୍ର, ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ଡକ୍ଟର ଜଗଦୀଶ ଚନ୍ଦ୍ର ପାଲ ଏବଂ ପୂର୍ବତନ ଜିଲ୍ଲା ସଂଯୋଜକ ତଥା କ୍ଷତ୍ରୀୟ ବରପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ବି. ଗୋବିନ୍ଦ ରାଓ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ଅଭିପ୍ରେରିତ କରି ରେଡ଼କ୍ରସ ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ୟକ୍ତିତ୍ୱର ବିକାଶ ପାଇଁ ସାମାଜିକ ସେବାରେ ସାମିଲ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧକ୍ଷ ମହୋଦୟ ନିଜ ବକ୍ତବ୍ୟରେ ସ୍ୱେଚ୍ଛାସେବୀ ମାନଙ୍କୁ ସମାଜ ସେବାରେ ନିଜକୁ ବ୍ରତୀ କରାଇବା ନିମନ୍ତେ ବାର୍ତ୍ତା ଦେଇଥିଲେ।ଅନୁଷ୍ଠାନର ଯୁବ ରେଡ଼କ୍ରସ ସଂଯୋଜକ ଡକ୍ଟର କୁନା ସୁନାଙ୍କ ନେତୃତ୍ୱରେ ତ୍ରି-ଦିବସୀୟ କାର୍ଯ୍ୟଧାରା ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା। ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଯୁବ ରେଡ଼କ୍ରସ ସଂଯୋଜକ ମାନେ ମଧ୍ୟ ନିଜ ନିଜ ବକ୍ତବ୍ୟରେ ସମାଜ ସେବାର ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୁବ ସ୍ୱେଚ୍ଛାସେବୀ ମାନେ ସମ୍ବଳ ଶିକ୍ଷକ ମାନଙ୍କ ସହ ଭାବର ଆଦାନ ପ୍ରଦାନ ଅତି ସୁନ୍ଦର ଭାବେ କରୁଥିଲେ୍ୟ ପ୍ରତିଦିନ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ କୁଇଜ୍, ପ୍ରବନ୍ଧ, ଚିତ୍ରାଙ୍କନ, ତର୍କ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲାୟ ଅନୁଷ୍ଠାନର ସମସ୍ତ ଶୈକ୍ଷିକ ଓ ଅଣ ଶୈକ୍ଷିକ କର୍ମଚାରୀ ମାନେ ଶାନ୍ତିଶୃଙ୍ଖଳା ଉପରେ ଦୃଷ୍ଟି ଦେବା ସହିତ ନିଜ ନିଜର ଦାୟିତ୍ୱକୁ ସଠିକ ରୂପେ ସମ୍ପାଦିତ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ଜୟଚନ୍ଦ୍ରଙ୍କ ପାଇଁ ସ୍ମୃତି ଚାରଣ ସଭା

ଉଦଳା(ମହାଭାରତ):ଉଦଳା ଇତିହାସର ଜଣେ ଦକ୍ଷ ବିନ୍ଧାଣୀ ଜୟଚନ୍ଦ୍ର ପତ୍ରିଙ୍କ ପାଇଁ ଉଦଳା ବରିଷ୍ଠ ନାଗରିକ ସଂଘ ଦ୍ୱାରା ବରିଷ୍ଠ ନାଗରିକ ସଭାଗୃହରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଡ଼ା ସଚ୍ଚିଦାନନ୍ଦ ପରିଡ଼ା ଙ୍କ ଅନୁରୋଧକ୍ରମେ ବରିଷ୍ଠ ନାଗରିକ ସଂଘର ପ୍ରାକ୍ତନ ସଭାପତି ଜୟଚନ୍ଦ୍ର ପତ୍ରୀଙ୍କ ଫୋଟ ଚିତ୍ରରେ ସମସ୍ତ ସଭ୍ୟ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସେ ଉଦଳା ମହାବିଦ୍ୟାଳୟ ଆରମ୍ଭରେ ସକ୍ରୀୟ ଅଂଶଗ୍ରହଣ କରିବା ଓ ଉଦଳରେ ଭାଗବତ ଟୁଙ୍ଗୀ ସ୍ଥାପନ କରାଇଥିବା ବେଳେ ମୟୂରଭଞ୍ଜରେ ବିଧାୟକ ପ୍ରାର୍ଥୀ ଭାବେ ର୍ନିବାଚନ ଲିଥିଲେ। ଏହା ବ୍ୟତୀତ ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ର ଦୁଇ ଦୁଇ ଥର ସଭାପତି ହେବା ସହିତ ପ୍ରତ୍ୟେକ ବୈଠକରେ 'ଆହେ ଦୟାମୟ ବିଶ୍ୱ ବିହାରୀ' ପ୍ରାର୍ଥନାଟି ନିଶ୍ଚିତ ଭାବରେ ଗାନ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରୁଥିବା ଭଳି ଅନେକ ଦୃଷ୍ଟାନ୍ତ ମୂଳକ ତଥ୍ୟ କୁ ନେଇ ଉପସ୍ଥିତ ସଦସ୍ୟମାନେ ସ୍ୱର୍ଗତଃ ପତ୍ରୀଙ୍କର ଗଣଗାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସଦସ୍ୟ ଲକ୍ଷ୍ମୀଧର ପୁଥାଳ, ଶ୍ୟାମସୁନ୍ଦର ପଣ୍ଡା, ଉପେନ୍ଦ୍ରନାଥ ପୁହାଣ, କୃପାସିନ୍ଧୁ ବେହେରା, କାଶୀନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ସାଂସଦଙ୍କ ଖେଳ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଗଣିଆ,(ମହାଭାରତ): ଗଣିଆ ବ୍ଲକ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପରିସରରେ ସାଂସଦଙ୍କ ଖେଳ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସାଂସଦଙ୍କ ବ୍ଲକ ପ୍ରତିନିଧି ଶରତ କୁମାର କର, ବିଭୁତିଭୁଷଣ ପଣ୍ଡା, ଶୁଭ୍ରଜିତ ପଣ୍ଡା, ଭାଗିରଥି ଗଡ଼ନାୟକ, ଗଣିଆ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, କ୍ରୀଡା ଶିକ୍ଷକ ବିଶ୍ୱରଂଜନ ସାହୁ, ବିକାଶ ରଂଜନ ମଲ୍ଲ, କୁମୁଦିନୀ ଦେଇ, ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୧ ତାରିଖରୁ ଆରମ୍ଭ ହୋଇ ୪ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆଲୋଚନା ହୋଇଥିଲା । ଏଥିରେ କ୍ରିକେଟ, ଫୁଟବଲ, ଭଲିବଲ, କବାଡ଼ି, ଖୋଖୋ ଚେସ, ବ୍ୟାଡମିଂଟନ, ଓ ପୁଚି ଆଦି ୮ଗୋଟି କ୍ରୀଡ଼ା ଉଭୟ ବାଳକ ଓ ବାଳିକାଙ୍କୁ ନେଇ ୨ଗୋଟି କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହେବ । ୧ତାରିଖ ଦିନ ପୁଚି. ଚେସ ଓ ଖୋଖୋ, ୨ତାରିଖ ଦିନ ବ୍ୟଡମିଂଟନ (ଏକକ ଖେଳାଳୀ), ଭଲିବଲ, ଓ କ୍ରିକେଟ (କନିଷ୍ଠ ବର୍ଗ) , ୩ ତାରିଖ ଦିନ ଫୁଟବଲ, ଓ କ୍ରିକେଟ (ବରିଷ୍ଠ ବର୍ଗ), ୪ତାରିଖ ଦିନ କବାଡ଼ି, ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । ପ୍ରତ୍ୟେକ ଦିନ ର୍ନିଦ୍ଧାରିତ ଖେଳ ପାଇଁ ସକାଳ ୮ଘଟିକାରୁ ୯ଘଟିକା ପର୍ଯ୍ୟନ୍ତ ପଂଜିକରଣ ସମୟ ଧାର୍ଯ୍ୟ କରାଯାଇଛି।

# ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଭିନବ ରଣନୀତି ଗ୍ରହଣ କରିବାକୁ ପରାମର୍ଶ




ରାୟପୁର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାୟପୁରର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟଠାରେ ପୁଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକଙ୍କ ୬୦ତମ ସର୍ବଭାରତୀୟ ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ତିନି ଦିନିଆ ସମ୍ମିଳନୀର ବିଷୟବସ୍ତୁ 'ବିକଶିତ ଭାରତ: ସୁରକ୍ଷା ପରିଦୃଶ୍ୟ'। ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଅଧକ୍ଷତା କରି ପେସାଦାର ମନୋଭାବ, ସମ୍ବେଦନଶୀଳତା ଏବଂ ପ୍ରତିକ୍ରିୟାଶୀଳତା ବୃଦ୍ଧି କରି ପୁଲିସ ପ୍ରତି ସାଧାରଣରେ ରହିଥିବା ଧାରଣା ବଦଳାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ଯୁବପିଢ଼ିଙ୍କ ସହ ସମ୍ପର୍କ ସୁଦୃଢ଼ କରିବା ଲାଗି ସେ କହିଛନ୍ତି। ଶ୍ରୀ ମୋଦୀ ସହରାଞ୍ଚଳ ପୁଲିସ ବ୍ୟବସ୍ଥାକୁ ମଜବୁତ କରିବା, ପର୍ଯ୍ୟଟନ ପୁଲିସ ବ୍ୟବସ୍ଥାକୁ ସକ୍ରିୟ କରିବା ଏବଂ ନୂତନ ଭାବରେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏସବୁ ଆଇନ ଉପନିବେଶବାଦୀ ଯୁଗର ଅପରାଧିକ ଆଇନକୁ ବଦଳାଇବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ପୁଲିସ ଓ ସମ୍ପ୍ରସାରିତ ପ୍ରଶାସନକୁ ଅଭିନବ ରଣନୀତି ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଜନଶୂନ୍ୟ ଦ୍ୱୀପପୁଞ୍ଜକୁ ସମନ୍ୱିତ କରିବାକୁ ସେ କହିଛନ୍ତି। ନ୍ୟାଟ୍ ଗ୍ରିଡ୍ ଅଧୀନରେ ସମନ୍ୱିତ ଡାଟାବେସ୍‌ର ପ୍ରଭାବଶାଳୀ ବ୍ୟବହାର କରିବା ଏବଂ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଏହି ବ୍ୟବସ୍ଥାଗୁଡ଼ିକୁ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ମୋଦୀ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୁଲିସ ତଦନ୍ତରେ ଫୋରେନସିକ୍ ବ୍ୟବହାର ଉପରେ କେସ୍ ଷ୍ଟଡି କରିବାକୁ ଉତ୍ସାହିତ କରିବାକୁ ଆହ୍ୱାନ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ବର୍ଦ୍ଧିତ ଫୋରେନସିକ୍ ପ୍ରୟୋଗ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାକୁ ଆହୁରି ମଜବୁତ କରିବ।

ନିଷିଦ୍ଧ ସଂଗଠନଗୁଡ଼ିକର ନିୟମିତ ତଦାରଖ ପାଇଁ ସୁଦୃଢ଼ ବ୍ୟବସ୍ଥା, ବାମପନ୍ଥୀ ଉଗ୍ରବାଦରୁ ମୁକ୍ତ ଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଏବଂ ଉପକୂଳ ସୁରକ୍ଷାକୁ ସୁଦୃଢ଼ ? ?କରିବା ପାଇଁ ଅଭିନବ ମଡେଲ ଗ୍ରହଣ କରିବାର ଗୁରୁତ୍ୱକୁ ସେ ପୁନର୍ବାର ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ, ନିଶା କାରବାର ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଆବଶ୍ୟକ, ଯାହା କାର୍ଯ୍ୟକାରିତା, ଥଇଥାନ ଏବଂ ଗୋଷ୍ଠୀସ୍ତରୀୟ ହସ୍ତକ୍ଷେପକୁ ଏକତ୍ରିତ କରିପାରୁଥିବ। ସମ୍ମିଳନୀରେ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ବ୍ୟାପକ ଆଲୋଚନା ହୋଇଥିଲା। ଭିଜନ ୨୦୪୭କୁ ସାକାର କରିବା ଲାଗି ପୁଲିସିଂ ପାଇଁ ଦୀର୍ଘକାଳୀନ ରୋଡମ୍ୟାପ୍, ଆତଙ୍କବାଦ ବିରୋଧୀ ଏବଂ ମୌଳବାଦ ବିରୋଧୀ ଧାରା, ମହିଳା ସୁରକ୍ଷା ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ବିଦେଶରେ ଥିବା ଭାରତୀୟ ପଳାତକ ଅପରାଧୀଙ୍କୁ ଫେରାଇ ଆଣିବା ପାଇଁ ରଣନୀତି ଏବଂ ପ୍ରଭାବଶାଳୀ ତଦନ୍ତ ଏବଂ ଦଣ୍ଡବିଧାନ ସୁନିଶ୍ଚିତ କରିବା ପାଇଁ ଫରେନସିକ୍ କ୍ଷମତାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ପ୍ରଭାବୀ ଢଙ୍ଗରେ ବିପର୍ଯ୍ୟୟ ପରିଚାଳନା ପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମନ୍ୱୟର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଘୂର୍ଣ୍ଣିଝଡ଼ ଦିତୱାର ସ୍ଥିତି ସମେତ ସାମୁଦ୍ରିକ ଝଡ଼, ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ଲାଗି ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ସେ ପୁଲିସ ମୁଖ୍ୟମାନଙ୍କୁ ଅନୁରୋଧ କରିଥିଲେ। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଏପରି ଘଟଣା ସମୟରେ ଜୀବନ ସୁରକ୍ଷା ଏବଂ ସର୍ବନିମ୍ନ କ୍ଷୟକ୍ଷତି ସୁନିଶ୍ଚିତ କରିବା ପାଇଁ ସକ୍ରିୟ ଯୋଜନା, ବାସ୍ତବ-ସମୟ ସମନ୍ୱୟ, ତୁରନ୍ତ ପ୍ରତିକ୍ରିୟା ଏବଂ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଅତ୍ୟନ୍ତ ଜରୁରୀ। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ, ଏକ ବିକାଶଶୀଳ ରାଷ୍ଟ୍ର ବିକଶିତ ଭାରତ ହେବାର ଆକାଂକ୍ଷା ପୂରଣ କରିବା ପାଇଁ ପୁଲିସିଂ ଶୈଳୀକୁ ପୁନଃପ୍ରସ୍ତୁତ କରିବାକୁ ପୁଲିସ ନେତୃତ୍ୱଙ୍କୁ ଆହ୍ୱାନ କରିଥିଲେ।

ପ୍ରଧାନମନ୍ତ୍ରୀ ଗୁଇନ୍ଦା ବ୍ୟୁରୋର ଅଧିକାରୀମାନଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ପ୍ରଦାନ କରିଥିଲେ। ସେ ସହରାଞ୍ଚଳ ପୁଲିସ ବ୍ୟବସ୍ଥାରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ତିନୋଟି ସହରକୁ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ, ଏହା ସହରାଞ୍ଚଳ ପୁଲିସିଂରେ ନବସୃଜନ ଏବଂ ଉନ୍ନତିକୁ ଉତ୍ସାହିତ କରିବା ଲାଗି ପ୍ରଥମ ଥର ପାଇଁ ପ୍ରଚଳନ କରାଯାଇଥିବା ଏକ ସ୍ୱୀକୃତି। ସମ୍ମିଳନୀର କେନ୍ଦ୍ର ଗୃହମନ୍ତ୍ରୀ, ଜାତୀୟ ସୁରକ୍ଷା ପରାମର୍ଶଦାତା, ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ସଚିବ ଯୋଗ ଦେଇଥିଲେ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ଡିଜି, ଆଇଜି, ସିଏପିଏଫ୍ ଏବଂ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ। ସେହିପରି ସାରା ଦେଶରୁ ୭୦୦ରୁ ଅଧିକ ପୁଲିସ ଅଧିକାରୀ ଆଭାସୀ ମାଧ୍ୟମରେ ସମ୍ମିଳନୀରେ ଯୋଗ ଦେଇଥିଲେ।

# ୩୯ ହାର୍ଡିଂ ରୋଡ୍ ବଙ୍ଗଳା: ବିଜେପି-କଂଗ୍ରେସ-ଆରଜେଡି ତିନି ଦଳର ନେତାଙ୍କ ପାଇଁ ଅଶୁଭ ପାଲଟିଛି





ପାଟନା: ବିହାରର ରାଜଧାନୀ ପାଟନାରେ ଥିବା ୩୯ ହାର୍ଡିଂ ରୋଡ୍ ନାମକ ଏକ ବାସଭବନ ଆଜିକାଲି ରାଜ୍ୟ ରାଜନୀତିର ଏକ କେନ୍ଦ୍ରବିନ୍ଦୁ ପାଲଟିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡି ଦେବୀଙ୍କୁ ଏହି ବାସଭବନ ଆବଣ୍ଟିତ କରାଯାଇଛି। ଆବଣ୍ଟନ ପରଠାରୁ ରାଜ୍ୟରେ ଅନେକ ରାଜନୈତିକ କାହାଣୀ ପ୍ରକାଶ ପାଇଛି।

ଏପରିକି କୁହାଯାଉଛି ଯେ ଏହି ବାସଭବନରେ ରହୁଥିବା କୌଣସି ଦଳୀୟ ନେତା ପୁନର୍ବାର ମନ୍ତ୍ରୀ ହୋଇପାରି ନାହାନ୍ତି କିମ୍ବା ରାଜନୈତିକ ପତନର ଶିକାର ହୋଇଛନ୍ତି। ଏଥିରେ ଭାରତୀୟ ଜନତା ପାର୍ଟି (ବିଜେପି), ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଏବଂ କଂଗ୍ରେସ ତିନି ଦଳର ନେତାମାନେ ଅନ୍ତର୍ଭୁକ୍ତ ଅଛନ୍ତି। ୩୯ ହାର୍ଡିଂ ରୋଡ୍ ବାସଭବନଟି ତିନି ରାଜନୈତିକ ଦଳ ବିଜେପି, କଂଗ୍ରେସ ଏବଂ ଆରଜେଡିର ପ୍ରମୁଖ ନେତାମାନଙ୍କର ଘର ହୋଇଆସିଛି। ଆରଜେଡିର ପୂର୍ବତନ ମନ୍ତ୍ରୀ ଭୂପେନ୍ଦ୍ର ପ୍ରସାଦ ବର୍ମା ଏବଂ ଶାମିମ ଅହମ୍ମଦ ବାସଭବନରେ ରହିଥିଲେ। ପୂର୍ବତନ ବିଜେପି ମନ୍ତ୍ରୀ ଚନ୍ଦ୍ର ମୋହନ ରାୟ, ବିନୋଦ ନାରାୟଣ ଝା ଏବଂ ରାମସୁରତ ରାୟ ମଧ୍ୟ ଏଠାରେ ବାସ କରିଥିଲେ। କଂଗ୍ରେସ ଦଳ ମଧ୍ୟ ପୂର୍ବତନ ମନ୍ତ୍ରୀ ମଦନ ମୋହନ ଝାଙ୍କ ନାମରେ ଏହି ବାସଗୃହ ଆବଣ୍ଟନ କରିଥିଲା। ଏହା ଉଲ୍ଲେଖନୀୟ ଯେ, ସେମାନେ ସମସ୍ତେ ପୂର୍ବ ସରକାରରେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ,ଏହି ବାସଗୃହରେ ଥିବା କୌଣସି ମନ୍ତ୍ରୀ ଦ୍ୱିତୀୟ ସୁଯୋଗ ପାଇ ନାହାନ୍ତି। ରାମସୁରତ ରାୟଙ୍କୁ ବିଧାନସଭା ନିର୍ବାଚନରେ ଦଳୀୟ ଟିକେଟ ମଧ୍ୟ ଦିଆଯାଇ ନଥିଲା। ତେଣୁ, ଏହି ବାସଗୃହକୁ ଏକ ଦୁର୍ଭାଗ୍ୟପୂର୍ଣ୍ଣ ବାସଗୃହ ଭାବରେ ବିବେଚନା କରାଯାଉଛି।

୩୯ ହାର୍ଡିଂ ରୋଡ୍ ବାସଭବନ ସମ୍ପର୍କରେ, ରାଜ୍ୟ ରାଜନୀତିରେ କୁହାଯାଏ ଯେ ଯିଏ ଏହାକୁ ପାଇଲା ସେ ଧୀରେ ଧୀରେ ରାଜନୈତିକ ପୃଷ୍ଠଭୂମିରେ ମଳିନ ହୋଇଗଲା। ସେମାନଙ୍କର ରାଜନୈତିକ କ୍ୟାରିଅର ଧୀରେ ଧୀରେ ହ୍ରାସ ପାଇଲା। ମନ୍ତ୍ରୀ ଭାବରେ ଯାହାକୁ ଏହି ବାସଭବନ ଆବଣ୍ଟିତ କରାଯାଇଥିଲା, ସେ ଆଉ କେବେ ମନ୍ତ୍ରୀ ହେବାର ସୁଯୋଗ ପାଇଲେ ନାହିଁ।

ମହାଗଠବନ୍ଧନ ସରକାରର ମନ୍ତ୍ରୀ ମଦନ ମୋହନ ଝା କଂଗ୍ରେସ ଦଳର ରାଜ୍ୟ ସଭାପତି ମଧ୍ୟ ଥିଲେ। ଏହି ବାସଭବନକୁ ଯିବା ପରେ, ମହାଗଠବନ୍ଧନ ସରକାର ଭାଙ୍ଗିଗଲା। ଯାହା ଫଳରେ ସେ ତାଙ୍କର ମନ୍ତ୍ରୀ ପଦ ହରାଇଲେ ଏବଂ କଂଗ୍ରେସ ଦଳର ରାଜ୍ୟ ସଭାପତି ଭାବରେ ପୁନଃନିର୍ବାଚିତ ହୋଇପାରିଲେ ନାହିଁ। ଏନଡିଏ ସରକାରରେ ଥରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ଚନ୍ଦ୍ର ମୋହନ ରାୟ ମଧ୍ୟ ଏହି ବାସଭବନରେ ରହୁଥିଲେ। ଚନ୍ଦ୍ର ମୋହନ ରାୟଙ୍କୁ ଭାରତୀୟ ଜନତା ପାର୍ଟିର ଜଣେ ବରିଷ୍ଠ ନେତା ଭାବରେ ବିବେଚନା କରାଯାଉଥିଲା। କିନ୍ତୁ ଆଜି ତାଙ୍କୁ ବହୁତ କମ୍ ଦେଖିବାକୁ ମିଳୁଛି।

ଏହି ବାସସ୍ଥାନ ସୁବିଧା ଏବଂ ସ୍ଥାନ ଦୃଷ୍ଟିରୁ ବହୁତ ପ୍ରଶସ୍ତ। ଏହା ଏକ ଦୁଇ ମହଲା ବିଶିଷ୍ଟ କୋଠା ଯାହାର ତଳ ମହଲାରେ ତିନୋଟି କୋଠରୀ ଏବଂ ଉପର ମହଲାରେ ତିନୋଟି କୋଠରୀ ରହିଛି। ଏହା ବ୍ୟତୀତ, ଏଥିରେ ଏକ ବଡ଼ କାର୍ପେଟ କ୍ଷେତ୍ର ଏବଂ ଏକ ବଡ଼ ବଗିଚା ରହିଛି। ଏହି ବାସସ୍ଥାନ ରାବଡି ଦେବୀଙ୍କ ବର୍ତ୍ତମାନର ୧୦ ସର୍କୁଲାର ରୋଡ ବାସସ୍ଥାନରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ। ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡି ଦେବୀଙ୍କୁ ଆବଣ୍ଟିତ ହେବା ପରଠାରୁ ୩୯ ହାର୍ଡିଂ ରୋଡ ରାଜ୍ୟ ରାଜନୀତିର କେନ୍ଦ୍ରରେ ରହିଛି।

# ମର୍ସିଡିଜ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ, ଅନ୍ୟ ୨ ଆହତ

ନୂଆଦିଲ୍ଲୀ : ଗତକାଲି ଦିଲ୍ଲୀର ବସନ୍ତ କୁଞ୍ଜ ଅଞ୍ଚଳରୁ ଏକ ଦୁର୍ଘଟଣା ସାମ୍ନାକୁ ଆସିଛି । ଯେଉଁଥିରେ ଜଣଙ୍କର ମୃତ୍ୟୁ ଘଟାଇଥିଲାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି । ମର୍ସିଡିଜ କାର୍ ସେହି ୩ ଜଣଙ୍କୁ ଧକ୍କା ଦେବା ଫଳରେ ଏପରି ଘଟଣା ଘଟିଥିବା ଜଣାପଡିଛି । ପୋଲିସ ସୂଚନା ପାଇବା ମାତ୍ରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା । କିନ୍ତୁ ଡାକ୍ତର ସେଠାରେ ଜଣଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାନୁଯାୟୀ, ଧକ୍କା ଦେଇଥିବା କାର୍ ଡ୍ରାଇଭର ଜଣକ ଏକ ମ୍ୟାରେଜ୍ ଫଙ୍କସନରୁ ଫେରୁଥିଲେ । ଡ୍ରାଇଭରଙ୍କ ଅସାବଧାନତା ପାଇଁ ଏପରି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି । ମୃତକ ଏବଂ ଗାଡ଼ି ଚାଳକଙ୍କ ପରିଚୟ ଚିହ୍ନଟ କରିଛି ପୋଲିସ । ଏଥିସହ କାର୍ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ପୋଲିସ । ଘଟଣାସ୍ଥଳରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି । ଏହା ବ୍ୟତୀତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି ।

# ବାୟୁ ପ୍ରଦୂଷଣରୁ ନିସ୍ତାର ପାଇବେ ଦିଲ୍ଲୀବାସୀ

ନୂଆଦିଲ୍ଲୀ:ଦିଲ୍ଲୀର ଗମ୍ଭୀର ବାୟୁ ପ୍ରଦୂଷଣ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ଯାହା ଫଳରେ ସୁରକ୍ଷା ଅତ୍ୟାବଶ୍ୟକ ହୋଇପଡୁଛି। ଶୀତଦିନ ହେବା ମାତ୍ରେ ଦିଲ୍ଲୀ ପୁଣି ଥରେ ବିଷାକ୍ତ କୁହୁଡ଼ିର ଘନ ଚାଦରରେ ଘୋଡ଼ାଇ ହୋଇଯାଏ। ଲଗାତାର କିଛି ଦିନ ଧରି ଏପରି ରହିବା ଫଳରେ ବାୟୁର ଗୁଣବତ୍ତା ଆହୁରି ଖରାପ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ପ୍ରଦୂଷଣ ମୁକାବିଲା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ପବ୍ଲିକ୍ ୱାର୍କସ୍ ବିଭାଗ ପକ୍ଷରୁ ୧୩ଟି ପ୍ରଦୂଷଣ ହଟସ୍ପଟ୍‌ରେ ମିଷ୍ଟ ସ୍ପ୍ରେ ସିଷ୍ଟମ୍ସ ସ୍ଥାପନ କରିବାର ଯୋଜନା କାରଯାଉଛି। ଯାହା ପାଇଁ ୩୦୫ଟି ବିଦ୍ୟୁତ୍ ଖୁଣ୍ଟି କୁ ଚୟନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଅଛି। ଏହି ସୁବିଧା ଆଗାମୀ ୧୫ ରୁ ୨୦ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଶୀତଦିନ ଆସିବା ସହ ଦିଲ୍ଲୀରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଅସମ୍ଭାଳ ହୋଇପଡିଥାଏ। ଏହି ସମସ୍ୟାକୁ କମାଇବା ପାଇଁ ପାଇଁ ଅନେକ ପରୀକ୍ଷଣ କରାଯାଇଥାଏ। ଏସବୁ ମଧ୍ୟରେ ପ୍ରଦୂଷଣ ହ୍ରାସ କରିବା ପାଇଁ ଦିଲ୍ଲୀରେ ଗତ ଦୁଇ ବର୍ଷ ଧରି ଏକ ନୂତନ ପରୀକ୍ଷଣ ଚାଲିଛି। ବିଦ୍ୟୁତ୍ ଖୁଣ୍ଟରେ କୁହୁଡ଼ି ସ୍ପ୍ରେ ବା ମିଷ୍ଟ ସ୍ପ୍ରେ ସିଷ୍ଟମ୍ ଲଗାଯାଉଛି। ଏହି ସିଷ୍ଟମରେ ବିଦ୍ୟୁତ୍ ଖୁଣ୍ଟରେ ଲଗାଯାଇଥିବା ପମ୍ପଗୁଡ଼ିକ ଚାରିପାଖରେ ପାଣି ସ୍ପ୍ରେ କରିଥାନ୍ତି। ଯାହାଫଳରେ ବିଦ୍ୟୁତ ଖୁଣ୍ଟ ଚାରିପଟେ କୁହୁଡି ବା ଧୂଳିର ଆସ୍ତରଣ ଜମା ହୋଇପାରେ ନାହିଁ । ଏହି ସିଷ୍ଟମର କାର୍ଯ୍ୟକାରୀ ଫଳରେ ଏହି ସ୍ତମ୍ଭଗୁଡ଼ିକ ପାଖରେ ପ୍ରଦୂଷଣ ସ୍ତର ହ୍ରାସ ପାଇଛି। ନୂଆଦିଲ୍ଲୀ ପୌର ପରିଷଦ ଦୁଇ ବର୍ଷ ଧରି ବିଭିନ୍ନ ରାସ୍ତାରେ ଏହି ବ୍ୟବସ୍ଥା ବ୍ୟବହାର କରିଆସୁଛି। ଦିଲ୍ଲୀ ବିକାଶ ପ୍ରାଧିକରଣ ଦ୍ୱାରକା ଏବଂ ଅନ୍ୟାନ୍ୟ ଅଞ୍ଚଳର ଅନେକ ରାସ୍ତାରେ ମଧ୍ୟ ଏହି ପ୍ରଯୁକ୍ତିବିଦ୍ୟା ସଫଳ ରୂପେ କାର୍ଯ୍ୟକାରୀ ହୋଇଛି । ଏବେ ପବ୍ଲିକ୍ ୱର୍କସ୍ ବିଭାଗ ମଧ୍ୟ ଏହି ସିଷ୍ଟମକୁ ଏକ ବଡ଼ ସ୍ତରରେ ନିୟୋଜିତ କରିବାକୁ ଯୋଜନା କରୁଛି। ଏହା ୧୩ଟି ପ୍ରମୁଖ ପ୍ରଦୂଷଣ ହଟସ୍ପଟ୍‌ରେ କାର୍ଯ୍ୟକାରୀ ହେବ। ଆଗାମୀ ୧୫ ରୁ ୨୦ ଦିନ ମଧ୍ୟରେ ଏହି ସିଷ୍ଟମ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଦିଲ୍ଲୀର ଦ୍ୱାରକା, ଜନକପୁରୀ, ନରେଲା, ଅଶୋକ ବିହାର, ବିବେକ ବିହାର, ମୁଣ୍ଡକା, ରୋହିଣୀ, ୱାଜିରପୁର, ଚହଲା, ବାୱାନା, ଆନନ୍ଦ ବିହାର, ପଞ୍ଜାବୀ ବାଗ ପଶ୍ଚିମରେ ଏହି ମିଷ୍ଟ ସ୍ପ୍ରେ ସିଷ୍ଟମକୁ କାର୍ଯ୍ୟକାରୀ କରାଯାଇଛି।

# ଦୁଇ ସରକାରୀ ବସ ମୁହାଁମୁହିଁ ଧକ୍କା, ୧୧ ମୃତ

ତାମିଲନାଡୁ : ରବିବାର ତାମିଲନାଡୁର ଶିବଗଙ୍ଗା ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁଇଟି ସରକାରୀ ବସ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଆଠ ଜଣ ମହିଳାଙ୍କ ସମେତ ଏଗାର ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ୨୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ମୃତଦେହଗୁଡ଼ିକ ରାସ୍ତାରେ ବିଛାଡ଼ି ହୋଇ ପଡ଼ିଥିଲା। ଆହତ ଯାତ୍ରୀମାନେ କ୍ଷତିଗ୍ରସ୍ତ ବସ୍ର ଝରକା ଏବଂ ସମ୍ମୁଖ କାଚରୁ ବିକଳରେ ଡେଇଁ ବାହାରକୁ ବାହାରୁଥିବାର ଦେଖାଯାଇଥିଲା । ଜିଲ୍ଲାର ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ଏହି ଦୁର୍ଘଟଣା କରାଇକୁଡିଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଘଟିଥିଲା। ଘଟଣାସ୍ଥଳରେ ଏଗାର ଜଣଙ୍କର ମୃତ୍ୟୁ ହୋଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ମୃତକଙ୍କ ମଧ୍ୟରେ ଆଠ ଜଣ ମହିଳା, ଦୁଇ ଜଣ ପୁରୁଷ ଏବଂ ଗୋଟିଏ ଶିଶୁ ଅଛନ୍ତି। ଏହି ଦୁର୍ଘଟଣାରେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଣେ ସ୍ଥାନୀୟ ଅଧିକାରୀ କହିଛନ୍ତି ଯେ ଏହା ଏକ ମୁହାଁମୁହିଁ ଧକ୍କା ଥିଲା, ଏବଂ କାରଣ ଅସ୍ପଷ୍ଟ ଏବଂ ସେମାନେ ତଦନ୍ତ କରୁଛନ୍ତି।

# ଇଟାଲୀରେ ମହିଳା ହତ୍ୟାକାରୀଙ୍କୁ ମିଳିବ ଆଜୀବନ କାରାଦଣ୍ଡ




ଇଟାଲୀ : ଜଣେ କଲେଜ ଛାତ୍ରୀଙ୍କ ହତ୍ୟା ପରେ ଇଟାଲୀରେ ଆଇନ ପରିବର୍ତ୍ତନ । ମହିଳା ହତ୍ୟାକାରୀଙ୍କୁ ମିଳିବ ଆଜୀବନ କାରାଦଣ୍ଡ । ନଭେମ୍ବର ୨୫ତାରିଖରେ ଇଟାଲୀୟ ସଂସଦ ଏନେଇ ଏକ ଆଇନ ପାସ୍ କରିଥିଲା । ଯାହାକୁ ସରକାର ଏବଂ ବିରୋଧୀ ଉଭୟ ସମର୍ଥନ କରିଥିଲେ। ଏହି ନୂତନ ଆଇନ ଅନୁଯାୟୀ, ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଦିଆଯିବ । ଦୁଇ ବର୍ଷ ପୂର୍ବେ ୨୨ବର୍ଷୀୟ ଇଟାଲୀୟ ଛାତ୍ରୀ ଜୁଲିଆ ଚେକେଟିନଙ୍କୁ ତାଙ୍କ ପୂର୍ବତନ ପ୍ରେମିକ ତାଙ୍କ ସହିତ ସମ୍ପର୍କ ରଖିବାକୁ ମନା କରିଦେବାରୁ ହତ୍ୟା କରିଥିଲେ । ଏହାପରେ ନାରୀ ହତ୍ୟାକୁ ଆଇନଗତ ସ୍ୱୀକୃତି ପାଇଁ ଦାବି ହୋଇଥିଲା । ନାରୀ ହତ୍ୟା ଏକ ଅପରାଧ ଯେଉଁଥିରେ ଜଣେ ମହିଳା କିମ୍ବା ଝିଅଙ୍କୁ ଜଣେ ମହିଳା ହୋଇଥିବାରୁ ହତ୍ୟା କରାଯାଏ । ସମାଜରେ ଲିଙ୍ଗଗତ ଭେଦଭାବ, ହିଂସା କିମ୍ବା କ୍ଷମତାର ଅପବ୍ୟବହାର ଯୋଗୁଁ ତାଙ୍କୁ ଦୁର୍ବଳ ବୋଲି ବିବେଚନା କରାଯାଏ । ଏହା ଏକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ଶବ୍ଦ ଯାହା ବିଶେଷ ଭାବରେ ମହିଳାଙ୍କ ବିରୁଦ୍ଧରେ ହିଂସାକୁ ଚିହ୍ନଟ ଏବଂ ରୋକିବା ପାଇଁ ବ୍ୟବହୃତ ହୁଏ । ଇଟାଲୀର ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି କହିଛନ୍ତି ଯେ, ସେ ଏପରି ଏକ ଦେଶ ସୃଷ୍ଟି କରିବାକୁ ଚାହାଁନ୍ତି ଯେଉଁଠାରେ କୌଣସି ମହିଳା ଅସୁରକ୍ଷିତ କିମ୍ବା ଏକା ଅନୁଭବ କରନ୍ତୁ ନାହିଁ । ଇଟାଲୀ, ମେକ୍ସିକୋ ଏବଂ ଚିଲି ସହିତ, ଏବେ କିଛି ଦେଶ ଗୋଷ୍ଠୀରେ ସାମିଲ ହୋଇଛି ଯେଉଁଠାରେ ନାରୀ ହତ୍ୟାକୁ ଅପରାଧ ବୋଲି ବିବେଚନା କରାଯାଏ । ବିଶେଷଜ୍ଞମାନେ କହିଛନ୍ତି ଯେ କେବଳ ଆଇନ ପ୍ରଣୟନ କରିବା ଯଥେଷ୍ଟ ହେବ ନାହିଁ । ପୋଲିସ, କୋର୍ଟ ଏବଂ ସମାଜର ମାନସିକତାରେ ପରିବର୍ତ୍ତନ ମଧ୍ୟ ଆବଶ୍ୟକ ।

# ୱାଶିଂଟନ ପରେ କାଲିଫର୍ନିଆରେ ଭୟଙ୍କର ଗୁଳିକାଣ୍ଡ, ୪ ମୃତ ଓ ୧୯ ଆହତ



କାଲିଫର୍ନିଆ : ୱାଶିଂଟନରେ ନ୍ୟାସନାଲ୍ ଗାର୍ଡ ସଦସ୍ୟଙ୍କ ଉପରେ ଆକ୍ରମଣର ୩ ଦିନ ପରେ କାଲିଫର୍ନିଆର ଷ୍ଟକଟନ୍‌ରେ ଏକ ବଡ଼ ଗୁଳିକାଣ୍ଡ ଘଟିଛି । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୦ ଜଣ ଆହତ ହୋଇଛନ୍ତି । ସୂଚନା ପାଇବା ପରେ କାଲିଫର୍ନିଆ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀଙ୍କୁ ସନ୍ଧାନ କାର୍ଯ୍ୟ ଜାରି ରଖିଛି । ସୂଚନାନୁଯାୟୀ, ଜୋଆକୁଇନ୍ କାଉଣ୍ଟି ସେରିଫ୍ କାର୍ଯ୍ୟାଳୟ କହିଛି ଯେ, ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯିବା ସହ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରୁଛନ୍ତି । ଅଧିକାରୀମାନେ ଆହତଙ୍କ ଅବସ୍ଥା ବିଷୟରେ କୌଣସି ସୂଚନା ଦେଇ ନାହାଁନ୍ତି । ଏଥିସହ ମାମଲା ତଦନ୍ତାଧୀନ ରହିଛି ବୋଲି ଅଧିକାରୀମାନେ କହିଛନ୍ତି । ଗୁଳି ଚଳାଇଥିବା ବ୍ୟକ୍ତି ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ । ପୋଲିସ ଘଟଣାସ୍ଥଳକୁ ଘେରାବନ୍ଦୀ କରିଛି। ଘଟଣାଟି ଏକ ଜନ୍ମଦିନ ପାର୍ଟି ନିକଟରେ ଘଟିଥିବା ଜଣାପଡ଼ିଛି । ଯେଉଁଠାରେ ପିଲାମାନେ କିଛି ସମୟ ପୂର୍ବରୁ ସେମାନଙ୍କ ପରିବାର ସହିତ ଏକାଠି ହୋଇଥିଲେ। ଏହି ଭୟଙ୍କର ଗୁଳିକାଣ୍ଡ କାଲିଫର୍ନିଆରେ ଷ୍ଟକଟନରେ ଘଟିଛି । ଘଟଣାସ୍ଥଳରେ ବହୁ ସଂଖ୍ୟକ ଜରୁରୀକାଳୀନ କର୍ମଚାରୀ ଏବଂ ଆଇନ ପ୍ରବର୍ତ୍ତନ ସଂସ୍ଥା ପହଞ୍ଚିଛନ୍ତି । ଏହି ଆକ୍ରମଣରେ ଅତି କମରେ ୧୯ ଜଣ ଆହତ ହୋଇଛନ୍ତି । ଯେଉଁଥିରେ ୯ ଏବଂ ୧୨ ବର୍ଷର ପିଲା, ଜଣେ ୨୩ ବର୍ଷୀୟ ଯୁବକ ଏବଂ ଅନେକ ବୟସ୍କ ଲୋକ ରହିଥିବା ଜଣାପଡିଛି । ଏହା ବ୍ୟତୀତ ଏହି ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି । ଏହାରି ମଧ୍ୟରେ କର୍ତ୍ତୃପକ୍ଷ ସତର୍କ ସୂଚନା ଜାରି କରିଛନ୍ତି । ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି ।

# କୋହଲିଙ୍କ ୫୨ତମ ଶତକ : ରାଞ୍ଚିରେ ଭାରତର ରୋମାଞ୍ଚକ ବିଜୟ







## ● କୋହଲି ୧୩୫, ରୋହିତ ୫୭, ରାହୁଲ ୬୦ : ଭାରତ-୩୪୯/୮
## ● ବ୍ରିଟକେ ୭୨, ଜାନେସନ୍ ୭୦, ବୋଶ ୬୭ : ଦ.ଆଫ୍ରିକା ୩୩୨

ନୂଆଦିଲ୍ଲୀ,୩୦।୧୧ : ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ରୋମାଞ୍ଚକର ବିଜୟ ହାସଲ କରିଛି ରବିବାର ରାଞ୍ଚିରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ୧୭ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ତିନି ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ। ରହିଛି।ଭାରତୀୟ ବ୍ୟାଟିଂର ମୁଖ୍ୟ ଆକର୍ଷଣ ଥିଲେ ବିରାଟ କୋହଲି ।ସେ ନିଜ ଦିନିକିଆ। କ୍ୟାରିୟରର ୫୨ତମ ଶତକ ହାସଲ କରି ସର୍ବାଧିକ ଶତକର ରେକର୍ଡ଼କୁ ଆହୁରି ଆଗକୁ ବଢ଼ାଇଛନ୍ତି ।ତାଙ୍କ ବ୍ୟତୀତ ରୋହିତ ଶର୍ମା (୫୭) ଏବଂ ଅଧିନାୟକ କେ.ଏଲ୍. ରାହୁଲ (୬୦)ଙ୍କ ଅର୍ଦ୍ଧଶତକ ବଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୯ ରନର ବିଶାଳ ସ୍କୋର କରିଥିଲା।

୩୫୦ ରନର ବିଶାଳ ଲକ୍ଷ୍ୟର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ହର୍ଷିତ ରାଣା ଗୋଟିଏ ଓଭରରେ ୨ଟି ୱିକେଟ ନେଇ ଭାରତକୁ ବଡ଼ ସଫଳତା ଦେଇଥିଲେ। କିନ୍ତୁ ମାଥ୍ୟୁ ବ୍ରିଟଜକେ (୭୨), ମାର୍କୋ ଜାନସେନ୍ (୩୯ ବଲରେ ୭୦) ଓ କର୍ବିନ୍ ବୋସ୍ (୬୭)ଙ୍କ ଚମତ୍କାର ଇନିଂସ୍ ଯୋଗୁଁ ଦକ୍ଷିଣ ଆଫ୍ରିକା ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲା ତଥାପି, ଦଳ ୩୩୨ ରନରେ ଅଲଆଉଟ୍ ହୋଇଯାଇଥିଲା।ଭାରତୀୟ ସ୍ପିନର କୁଲଦୀପ ଯାଦବ ଘାତକ ବୋଲିଂ କରି ୪ଟି ୱିକେଟ୍ ନେଇଥିଲେ ଗୋଟିଏ ଓଭରରେ ସେ ଜାନସେନ୍ ଓ ବ୍ରିଟଜକେଙ୍କୁ ଆଉଟ୍ କରି ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ ହର୍ଷିତ ରାଣା ଓ ଅର୍ଶଦୀପ ସିଂହ ମଧ୍ୟ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓପନିଂ ପାଇଁ ପଡ଼ିଆକୁ ଓହ୍ଲାଇଥିଲେ ହିଟ୍ ମ୍ୟାନ୍ ରୋହିତ ଶର୍ମା ଓ ଯଶସ୍ୱୀ ଜୈସ୍ୱାଲ। ହେଲେ ଯଶସ୍ୱୀ ବେଶୀ ସମୟ ପଡ଼ିଆରେ ତିଷ୍ଠି ପାରିନଥିଲେ। ସେ ମାତ୍ର ୧୮ ରନ କରି ନାନ୍ଦ୍ରେ ବରଗରଙ୍କ ଶିକାର ହୋଇଥିଲେ । ଏହା ପରେ ରାଞ୍ଚିରେ ଆରମ୍ଭ ହୋଇଥିଲା କିଙ୍ଗ୍ କୋହଲିଙ୍କ ଏଣ୍ଟ୍ରି । ପ୍ରଥମ ବଲ୍‌ରେ ଚୌକା ମାରି ଟେଷ୍ଟ ପରାଜୟର ପ୍ରତିଶୋଧ ଘୋଷଣା କରିଦେଇଥିଲେ। ସେ ରୋହିତ ଶର୍ମାଙ୍କ ସହ ମିଶି ଉଭୟେ ଜବରଦସ୍ତ ଶତକୀୟ ଭାଗିଧାରୀ ଖେଳିଥିଲେ। ରୋହିତ ଶର୍ମା ୫୭ ରନ କରି ମାର୍କୋ ଜନସନଙ୍କ ଶିକାର ହୋଇଥିଲେ । ମାତ୍ର ବିରାଟ କୋହଲି ପଛକୁ ଫେରି ଦେଖିନଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ଉପରେ ପ୍ରହାର ଆରମ୍ଭ କରିଥିଲେ। ସେ ପ୍ରଥମେ ଅର୍ଦ୍ଧଶତକ ପରେ ଏହାକୁ ଶତକୀୟ ଇନିଂସରେ ବଦଳାଇ ଦେଇଥିଲେ। ରାଞ୍ଚିରେ ବିରାଟ୍ କୋହଲି ୧୨୦ରୁ ୧୩୫ ରନର ଜବରଦସ୍ତ ଇନିଂସ ଖେଳିଛନ୍ତି । ଏଥିରେ ୧୧ଟି ଚୌକା ଏବଂ ୭ଟି ଛକା ରହିଛି। ଏହା ଦିନିକିଆ। କ୍ରିକେଟରେ ବିରାଟଙ୍କ ୫୨ତମ ସେଞ୍ଚୁରୀ ଏବଂ ଆନ୍ତର୍ଜାତିକ କ୍ରିକେଟରେ ୮୩ତମ ଶତକ। ସେହିପରି ରୋହିତ ଶର୍ମା ୫୧ ବଲରୁ ୫୭ ରନ ସଂଗ୍ରହ କରିଛନ୍ତି। ତେବେ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ରୁତୁରାଜ ଗାଏକୱାଡ ୮ ରନ୍, ୱାଶିଂଟନ ସୁନ୍ଦର ୧୩ ରନ୍ କରି ଆଉଟ୍ ହେବାରୁ ଭାରତର ରନ୍ ଗତି କମି ଯାଇଥିଲା। ତେବେ ଅଧିନାୟକ କେଏଲ ରାହୁଲ ଓ ଜାଡେଜା ଦଳକୁ ଭଲ ସ୍ଥିତିକୁ ନେଇଯାଇଥିଲେ। ରାହୁଲ ୫୬ ବଲରୁ ୬୦ ରନ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ୩୨ ରନ କରି ଦଳକୁ ମଜବୁତ ସ୍ଥିତିରେ ପହଞ୍ଚାଇଛନ୍ତି। ଉଭୟ ବ୍ୟାଟର ୬୫ ରନ୍ ଯୋଗ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ନାନ୍ଦ୍ରେ ବର୍ଗର, ବୋଶ୍, ମାର୍କୋ ଏବଂ ବାର୍ଟମ୍ୟାନ୍ ପ୍ରତ୍ୟେକ ୨ଟି ୱିକେଟ୍ ଲେଖାଏଁ ୱିକେଟ୍ ନେଇଛନ୍ତି।

# ଓକିଲ ଏକାଦଶକୁ ହରାଇ କେନ୍ଦ୍ରାପଡ଼ା ପୋଲିସ ବିଜୟୀ



କେନ୍ଦ୍ରାପଡ଼ା, ୩୦/୧୧- କେନ୍ଦ୍ରାପଡ଼ା କାର୍ଯ୍ୟରତ ସାମ୍ବାଦିକ ସଙ୍ଘ ଆନୁକୂଲ୍ୟରେରେ କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ବନ୍ଧୁତାପୂର୍ଣ୍ଣ ଏକ ଦିବସୀୟ କ୍ରିକେଟ ମ୍ୟାଚ ରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିରେ ସାମ୍ବାଦିକ ଏକାଦଶ, ଓକିଲ ଏକାଦଶ, ପୋଲିସ ଏକାଦଶ, ସରପଞ୍ଚ ଏକାଦଶ, କାଉସିଲର ଏକାଦଶ, ପୌର ଷ୍ଟାଫ ଏକାଦସ, ଅବକାରୀ ଏକାଦଶ ପ୍ରମୁଖ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ରେ ପୋଲିସ ଏକାଦଶ ଓ ଓକିଲ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପୋଲିସ ଏକାଦଶ ଓକିଲ ଏକାଦଶକୁ ପରାସ୍ତ କରି ବିଜେତା ହୋଇଥିଲା । ଖେଳର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଖେଳ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ରିଓ ନ୍ୟୁଜର ଏଡିଟର ରାହୁଲ ସ୍ୱାଇଁ ଏବଂ ପ୍ରୀତି ମାଡାମ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଉଜାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ପୌରାଅଦକ୍ଷା ସରିତା ସାହୁ ଯୋଗଦେଇ ବିଜେତା ପୋଲିସ ଟିମକୁ ଟ୍ରଫି ପ୍ରଦାନ କରିଥିଲେ । ସଂମ୍ମାନୀୟ ଅତିଥି କେନ୍ଦ୍ରାପଡ଼ା ବାର ଓକିଲ ସଙ୍ଘର ସଭାପତି ଗୋବର୍ଦ୍ଧନ ରାଉତ ଉପବିଜେତା ଟିମ ଓକିଲ ସଙ୍ଘକୁ ରନର୍ସସଫ ଟ୍ରଫି ପ୍ରଦାନ କରିଥିଲେ । ସଂମ୍ମାନୀୟ ଅତିଥି ଭାବେ ନୋଟାରୀ ସରକାରୀ ଓକିଲ ପ୍ରଭାତ କୁମାର ପ୍ରଧାନ ବେଷ୍ଟ ବ୍ୟାଟର ସୌମ୍ୟ ଓ ବେଷ୍ଟ ଫିଲ୍ଡର ଆଇନଜୀବୀ ଆଶିଷ ସାମଲକୁ ଟ୍ରଫି ପ୍ରଦାନ କରିଥିଲେ। ଚକ୍ରବିୟୁ ଚାନେଲ ଏଡିଟର କୁଳମଣି ଲେଙ୍କା କାର୍ଯ୍ୟକ୍ରମ ଆୟୋଜ ଅଲେଖ ନାୟକ ଏବଂ ଗଗନ ପ୍ରଧାନଙ୍କୁ ସଂମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ସାମ୍ବାଦିକା ନମିତା ନାୟକ, ସନ୍ତୋଷ ପୋଥାଳ, ରାଜେଶ ଦାସ, ମହେଶ ପାଢ଼ୀ, ଉମେଶ ପାଢ଼ୀ, ମୃତ୍ୟୁଞ୍ଜୟ ପରିଡା, ମଧୁସୂଦନ ନାଥ ପ୍ରମୁଖ ସହଯୋଗ କରିଥିଲେ ।

## ଅବସର ନେଲେ ରସେଲ

କୋଲକାତା,୩୦।୧୧ : ଆଜି ଆଇପିଏଲରୁ ଅବସର ଘୋଷଣା କରିଛନ୍ତି ବିଶ୍ୱ କ୍ରିକେଟର ବିସ୍ଫୋରକ ଅଲରାଉଣ୍ଡର ଭାବେ ପରିଚିତ ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲ। ସେ କୋଲକାତା ନାଇଟ ରାଇଡର୍ସ ଟିମ ସହିତ ଜଡିତ ରହିବେ । କେକେଆର ତାଙ୍କୁ ପାୱାର କୋଚ୍ ଭାବେ ନିଯୁକ୍ତ କରିଛି । ଆଇପିଏଲ ନିଲାମ ପୂର୍ବରୁ ସେ ଏହି ନିଷ୍ପତି ନେଇଛନ୍ତି । ୧୨ ବର୍ଷ ହେବ ସେ କେକେଆର ପକ୍ଷରୁ ଖେଳି ଆସୁଥିଲେ । ୩୭ ବର୍ଷୀୟ ରସେଲ କେକେଆର ପକ୍ଷରୁ ୧୩୩ ମ୍ୟାଚ୍ ଖେଳିଛନ୍ତି । ୨୦୧୪ ଓ ୨୦୨୪ ଟାଇଟଲ ବିଜେତା ଦଳର ସେ ସଦସ୍ୟ ଥିଲେ । ଗତ ସିଜନରେ ୧୨ କୋଟି ଟଙ୍କାରେ କେକେଆର ଟିମରେ ରଖିଥିଲା । ତାଙ୍କ ସାଥୀ ଖେଳାଳି କିରନ ପୋଲାର୍ଡ ପୂର୍ବରୁ ଅବସର ଘୋଷଣା କରି ମୁମ୍ବାଇ ଟିମର ବ୍ୟାଟିଂ କୋଚ୍ ରହିଛନ୍ତି । ସେ ୫ ଥର ଆଇପିଏଲ ଟାଇଟଲ ଓ ୨ ଥର ଚ୍ୟାମ୍ପିୟନ୍ସ ଲିଗ ଜିତିଥିବା ମୁମ୍ବାଇ ଟିମ ସହିତ ରହିଥିଲେ । ପୋଲାର୍ଡ ୧୮୯ ମ୍ୟାଚ୍‌ରେ ୩୪୧୨ ରନ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ସେ ୬୯ ୱିକେଟ ମଧ୍ୟ ଅକ୍ତିଆର କରିଛନ୍ତି ।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ

# ମଞ୍ଚେଶ୍ୱର ଚମ୍ପିୟାନ



ଖୋର୍ଦ୍ଧା,୩୦।୧୧ : ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଆଜିର ଫାଇନାଲ ମ୍ୟାଚ୍ ରେ ମଞ୍ଚେଶ୍ୱର୍ ଦଳ ମେଣ୍ଢାଶାଳ କୁ ୪ ୱିକେଟ ରେ ପରାସ୍ତ କରିଛି । ଟସ୍ ରେ ବିଜୟ ଲାଭ କରି ମେଣ୍ଢାଶାଳ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲାପ୍ରଥମେ ବ୍ୟାଟିଂ କରି ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୫ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ଓ ଆଇଏସ ଗିରି ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ମଞ୍ଚେଶ୍ୱର ଦଳ ନିର୍ଦ୍ଧାରିତ ୧୮ ଓଭର ରୁ ୬ ୱିକେଟ ହରାଇ ୧୬୬ ରନ୍ ସଂଗ୍ରହ କରି ବିଜୟ ହାସଲ କରି ଚମ୍ପିୟାନ ହୋଇଥିଲା। ଏସ କେ ସଲମାନ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ଆଇ ଏସ ଗିରି,ଶ୍ରେଷ୍ଠ ବୋଲର ମନୋଜ କୁମାର ବାରିକ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଶ୍ରେୟାନ୍ସ ସାହୁ ପୁରସ୍କୃତ ହୋଇଥିଲେଆଜିର ସଭା ରେ ମୁଖ୍ୟ ଅତୀଥି ଭାବରେ ବୋଲଗଡ଼ ବେଗୁନିଆର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ।

ସମ୍ମାନିତ ଅତିଥି ରାଇସିଂ ଷ୍ଟାର କ୍ଲବ ର ସଭାପତି ସଞ୍ଜୟ ପାଇକରାୟ,ମଣ୍ଡଳ ସଭାପତି ଉତ୍ତର ଖୋର୍ଦ୍ଧା ସଂଗ୍ରାମ କେଶରୀ ସାମନ୍ତ ସିଂହାର,ସମାଜସେବୀ ରାମ ଚନ୍ଦ୍ର ସାମନ୍ତ ରାୟ ଓ ବିହାରୀ ଲାଲ ଫାଇଟର କ୍ଲବର ସଭାପତି ଅକ୍ଷୟ ଜେନା, ପ୍ରତାପ ମାଗପାତ୍ର, ଗୋବର୍ଧନ ହାତୀ, ଅମରେନ୍ଦ୍ର ବରାଳ, ବନବିହାରୀ ସ୍ୱାଇଁ, ରାଜେଶ ବରାଳ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ପରିଚାଳନା କରୁଥିଲେ। ରୀୟାଜତ ଅଲି ଓ ପ୍ରୋଦୋଷ ବଳିଆର ସିଂହ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ, ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ। କ୍ୟାମେରା ମ୍ୟାନ ଭାବେ ବିନୋଦ ଜେନା ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ। ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ମଞ୍ଚ ପରିଚାଳନା କରିଥିଲେ। ଅବ୍ୟକ୍ତ ହରିହର ଖାଡଙ୍ଗାଶେଷରେ ଦୂର୍ଯ୍ୟଧନ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପ୍ରଥମ ଅସ୍ମିତା ଖେଳ ଇଣ୍ଡିଆ ଦୌଡକୁଦ ପ୍ରତିଯୋଗିତା



କେନ୍ଦ୍ରାପଡା,୩୦।୧୧ : କେନ୍ଦ୍ରାପଡା ଜିଲ୍ଲା କ୍ରିଡା ସଂସଦ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଖେଳ ଇଣ୍ଡିଆ କ୍ରୀଡା ପ୍ରତିଯୋଗିତା କେନ୍ଦ୍ରାପଡା ଅଟୋନମସ୍ କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ବାଳିକା ବିଭାଗ ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରାପଡାର ଜିଲ୍ଲାପାଳ ରଘୁରାମ ଆୟାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍ଘାଟନ କରିଥିବା ବେଳେ ଜାତୀୟ ଫୁଟବଲ ଖେଳାଳି ଆଲୋଚନା ସେନାପତି ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ୧୪ ବର୍ଷରୁ କମ୍ ପ୍ରତିଯୋଗିତା ୬୦ ମିଟର ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ଜାଭିଲିନ ଥ୍ରୋ, ୧୬ ବର୍ଷରୁ କମ୍ ୬୦ ମିଟର ଦୌଡ, ୬୦୦ ମିଟର ଦୌଡ, ହାଇ ଜମ୍ପ, ଲଙ୍ଗ ଜମ୍ପ, ସଟ୍‌ପୁଟ୍, ଜାଭିଲିନ ଥ୍ରୋ ଓ ଡିସକସ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା । ୨୫୦ଜଣ ବାଳିକା ଖେଳାଳୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିଲେ । କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ଅୟଦ ଅକମଲ ଅଲ୍ଲୀ, କ୍ରୀଡା ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ । ଯେଉଁ ପିଲାମାନେ ଭଲ ପ୍ରଦର୍ଶନ କରିବେ। ତାଙ୍କ ଭିତରୁ ଭଲ ପଦର୍ଶନ କରିଥିବା ଖେଳାଳୀମାନଙ୍କୁ ସରକାରୀ ହଷ୍ଟେଲରେ ସ୍ଥାନ ପାଇଁ ପାରନ୍ତି ବୋଲି ପ୍ରକାଶ କରିଛନ୍ତି । କ୍ରୀଡା ସଂପାଦକ ଜ୍ୟୋତ୍ରିମୟ ଦାସ ଧନ୍ୟବାଦ ଦେଇଥିଲେ । କୃତକାର୍ଯ୍ୟ ହୋଇଥିବା ଖେଳାଳୀ ମାନଙ୍କୁ ପ୍ରମାଣ ପତ୍ର ସହ ପଦକ ପୁରସ୍କୃତ କରାଯାଇଥିଲା । ଅଫିସିଆଲ୍ ଭାବେ ପ୍ରକାଶ ଦାସ, ଶଶାଙ୍କ ସାହୁ, ମନୋଜ ସାହୁ, ସସ୍ମିତା ପଣ୍ଡା, ଦେବେନ୍ଦ୍ର ସାହୁ, ଉମାକାନ୍ତ କର, ସୁହାନା ପରମିନ୍, ମାମୁନି ଦାସ, ସ୍ୱାସିତା, ଜ୍ୟୋତି ପଙ୍କଜ ଦାସ ଖେଳ ପରିଚାଳନା କରିଥିଲେ । ଉକ୍ତ କ୍ରୀଡା ଦିବସରେ ଓଡିଶା କୋଚ୍ ଦୀପିକା ମହାପାତ୍ର, ଅତୁଲ କୁମାର ଓଡିଶା କ୍ରୀଡା ବିଭାଗ ତରଫରୁ ଯୋଗଦେଇଥିଲେ ।

## ଆଫ୍ରିଦିଙ୍କୁ ପଛରେ ପକାଇଲେ ରୋହିତ

ରାଞ୍ଚି,୩୦।୧୧ : ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ରୋହିତ ଶର୍ମା ୫୭ ରନର ଏକ ଚମତ୍କାର ଇନିଂସ ଖେଳିଛନ୍ତି। ଏହି ଇନିଂସରେ ତିନୋଟି ଛକା ମାରି ଇତିହାସ ରଚିଛନ୍ତି ଦିନିକିଆ। ଅନ୍ତର୍ଜାତୀୟରେ ଛକା ମାରିବାରେ ସେ ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦିଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି ରୋହିତ। ଏବେ ଦିନିକିଆରେ ସର୍ବାଧିକ ଛକା ମାରିଥିବା ବ୍ୟାଟର ହେବାର ଉପଲବ୍ଧି ହାସଲ କରିଛନ୍ତି।ରୋହିତ ଶର୍ମା ବିରାଟ କୋହଲିଙ୍କ ସହିତ ତୃତୀୟ ୱିକେଟ ପାଇଁ ଶତକୀୟ ଭାଗୀଦାରି କରିଛନ୍ତି ରୋହିତ ୫୧ ବଲରୁ ୫୭ ରନର ଇନିଂସ ଖେଳିଛନ୍ତି ଏଥିରେ ତିନୋଟି ଛକା ଏବଂ ପାଞ୍ଚଟି ଚୌକା ସାମିଲ୍। ପାଳିର ୨୦ ତମ ଓଭରରେ, ରୋହିତ ଶର୍ମା ମାର୍କୋ ଜାନସେନଙ୍କୁ ଛକା ମାରି ଇତିହାସ ସୃଷ୍ଟି କରିଛନ୍ତି ଏହା ତାଙ୍କର ୩୫୨ ତମ ଦିନିକିଆ। ଛକା ଥିଲା ପୂର୍ବରୁ, ଶାହିଦ ଆଫ୍ରିଦି (୩୫୧ ଛକା) ଦିନିକିଆରେ ସର୍ବାଧିକ ଛକା ମାରିବାର ରେକର୍ଡ କରିଥିଲେ ଗତ ଦଶ ବର୍ଷ ଧରି ସର୍ବାଧିକ ଛକା ମାରିବାର ରେକର୍ଡ ଆଫ୍ରିଦିଙ୍କ ନାଁରେ ଥିଲା. କିନ୍ତୁ ଏହି ରେକର୍ଡ ଏବେ ରୋହିତ ନିଜ ନାଁରେ କରିଛନ୍ତି । ରୋହିତ ଶର୍ମାଙ୍କ ଏହି ବିଶ୍ୱ ରେକର୍ଡ ବହୁ ବର୍ଷ ପର୍ଯ୍ୟନ୍ତ ଅତୁଟ ରହିବ କାରଣ ରୋହିତ ବ୍ୟତୀତ ଅନ୍ୟ ସମସ୍ତେ ଦିନିକିଆରେ ସର୍ବାଧିକ ଛକା ମାରିଥିବା ଶ୍ରେଷ୍ଠ ୧୦ ବ୍ୟାଟରଙ୍କ ତାଲିକାରୁ ଅବସର ନେଇସାରିଛନ୍ତି।



ରୋହିତ ଶର୍ମା (ଭାରତ) - ୩୫୨*, ସାହିଦ ଆଫ୍ରିଦି (ପାକିସ୍ତାନ) - ୩୫୧
କ୍ରିସ୍ ଗେଲ୍ (ୱେଷ୍ଟଇଣ୍ଡିଜ୍) ୩୩୧, ସନଥ ଜୟସୁରିଆ। (ଶ୍ରୀଲଙ୍କା) - ୨୭୦
ଏମଏସ ଧୋନି (ଭାରତ) ୨୨୯, କ୍ରମାଗତ ତୃତୀୟ ମ୍ୟାଚ୍‌ରେ ୫୦+ ସ୍କୋର

ରୋହିତ ଶର୍ମା ଅଷ୍ଟ୍ରେଲିଆ। ବିପକ୍ଷରେ ଦ୍ୱିତୀୟ ଏବଂ ତୃତୀୟ ଦିନିକିଆରେ ଚମତ୍କାର ବ୍ୟାଟିଂ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଅର୍ଦ୍ଧଶତକ (୭୩) କରିବା ପରେ ତୃତୀୟ ଦିନିକିଆରେ ଅପରାଜିତ ୧୨୧ ରନ୍ କରିଥିଲେ। ସେହି ମ୍ୟାଚ୍‌ରେ, ସେ କୋହଲିଙ୍କ ସହିତ ଏକ ଶତକୀୟ ଭାଗୀଦାରି କରିଥିଲେ। ଆଜି ରୋହିତ ପୁଣି ଥରେ କୋହଲିଙ୍କ ସହିତ ଆଉ ଏକ ଶତକୀୟ ଭାଗୀଦାରି କରିଛନ୍ତି। ରୋହିତ କ୍ରମାଗତ ତୃତୀୟ ଦିନିକିଆରେ ୫୦ରୁ ଉର୍ଦ୍ଧ୍ୱ ସ୍କୋର କରିଛନ୍ତି ।ରାଞ୍ଚିରେ ଅର୍ଦ୍ଧଶତକ ହେଉଛି ରୋହିତ ଶର୍ମାଙ୍କ ୬୦ତମ ଦିନିକିଆ। ଅର୍ଦ୍ଧଶତକ । ସେ ଏହି ଫର୍ମାଟରେ ୩୩ଟି ଶତକ ମାରିଛନ୍ତି ରୋହିତ ଟି-୨୦ ଏବଂ ଟେଷ୍ଟରୁ ଅବସର ନେଇସାରିଛନ୍ତି ଏବଂ ଏବେ କେବଳ ଦିନିକିଆ। ଖେଳୁଛନ୍ତି।

# ୩୨ ବଲରେ ଶତକ କଲେ ଅଭିଷେକ



ନୂଆଦିଲ୍ଲୀ,୩୦।୧୧ : ଭାରତୀୟ ଦଳର ବିସ୍ଫୋରକ ଓପନର ଅଭିଷେକ ଶର୍ମା ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ୨୦୨୫ରେ ଧମାଲ କରୁଛନ୍ତି । ସେ ପଶ୍ଚିମବଙ୍ଗ ବିପକ୍ଷ ମ୍ୟାଚରେ ୧୨ ବଲରେ ଅର୍ଦ୍ଧଶତକ ଏବଂ ପରବର୍ତ୍ତୀ ୨୦ ବଲରେ ଶତକ ପୂରା କରିଛନ୍ତି । ୧୨ ବଲରେ ଅର୍ଦ୍ଧଶତକ ହାସଲ କରି ଅଭିଷେକ ନିଜ ଗୁରୁ ଯୁବରାଜ ସିଂଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ସେ ୩୨ ବଲରେ ଶତକ ମାରି ଭାରତ ପାଇଁ ଟି-୨୦ରେ ସବୁଠୁ ଦ୍ରୁତତମ ଶତକ ହାସଲ କରିବାରେ ଋଷଭ ପନ୍ତଙ୍କ ବରାବରି କରିଛନ୍ତି ଏହି ଇନିଂସରେ ଅଭିଷେକଙ୍କ ଷ୍ଟ୍ରାଇକ ରେଟ୍ ୩୦୦ ଉପରେ ଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ପାଇଁ ଇନିଂସ ଓପନ କରିଥିଲେ ଅଭିଷେକ ଶର୍ମା ଓ ପ୍ରଭସିମରନ ସିଂ ପ୍ରଭସିମରନ ସିଂଙ୍କ ମେଣ୍ଟର ମଧ୍ୟ ଯୁବରାଜ ସିଂ ଦୁଇ ବ୍ୟାଟର ପଶ୍ଚିମବଙ୍ଗ ବୋଲରଙ୍କୁ ନିର୍ମମ ପ୍ରହାର କରି ପ୍ରଥମ ୧୦ ଓଭରରେ ୧୬୩ ରନ ଯୋଡିଥିଲେ। ଟି-୨୦ରେ ଭାରତ ପାଇଁ ସବୁଠୁ ଦ୍ରୁତତମ ଶତକ ହାସଲ କରିବାରେ ଅଭିଷେକ ଏହି ବିସ୍ଫୋରକ ଇନିଂସ ଜରିଆରେ ଋଷଭ ପନ୍ତଙ୍କ ସମକକ୍ଷ ହୋଇଛନ୍ତି । ଭାରତ ପାଇଁ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ ଉର୍ଭିଲ ପଟେଲ ଓ ଅଭିଷେକଙ୍କ ନାଁରେ ରହିଛି । ଉଭୟ ୨୦୨୪ ଏହି ସୈୟଦ ମୁସ୍ତାକ ଅଲ୍ଲୀ ଟୁର୍ଣ୍ଣାମେଣ୍ଟରେ ୨୮-୨୮ ବଲରେ ଶତକ ହାସଲ କରିଥିଲେ। ଉଲ୍ଲେଖନୀୟ ଉର୍ଭିଲ ପଟେଲ ଚଳିତ ଏହି ଟୁର୍ଣ୍ଣାମେଣ୍ଟରେ ୩୧ ବଲରେ ଶତକ ହାସଲ କରି ସାରିଛନ୍ତି ।

ଭାରତ ପାଇଁ ଘରୋଇ ଟୁର୍ଣ୍ଣାମେଣ୍ଟରେ ଦ୍ରୁତତମ ଶତକ ହାସଲ କରିଥିବା ବ୍ୟାଟର।

ଉର୍ଭିଲ ପଟେଲ- ୨୮
ଅଭିଷେକ ଶର୍ମା- ୨୮
ଉର୍ଭିଲ ପଟେଲ- ୩୧
ଋଷଭ ପନ୍ତ- ୩୨
ଅଭିଷେକ ଶର୍ମା- ୩୨
ବୈଭବ ସୂର୍ଯ୍ୟବଂଶୀ- ୩୨

ସେହିପରି ଭାରତ ପାଇଁ ଟି-୨୦ ଘରୋଇ ସିଜିନରେ ସବୁଠୁ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ଆଶୁତୋଷ ଶର୍ମାଙ୍କ ନାମରେ ରହିଛି ଆଶୁତୋଷ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୨୦୨୩ରେ ୧୧ ବଲରୁ ଅର୍ଦ୍ଧଶତକ ହାସଲ କରି ଯୁବରାଜ ସିଂଙ୍କ ରେକର୍ଡ ଭାଙ୍ଗିଥିଲେ।

ଭାରତ ପାଇଁ ଟି-୨୦ରେ ସବୁଠୁ ଦ୍ରୁତ ଅର୍ଦ୍ଧଶତକ
ଆଶୁତୋଷ ଶର୍ମା- ୧୧
ଯୁବରାଜ ସିଂହ- ୧୨
ଅଭିଷେକ ଶର୍ମା- ୧୨
ଯଶସ୍ୱୀ ଜୟସ୍ୱାଲ- ୧୩ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ